## ରାସ୍ତାରେ ଗୋରୁ ନେଇ ଯିବାବେଳେ ଅଟକାଇଲେ

ଚୌକି, ୩୦।୬ (ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି କାଳାହି ଗାଁ ସ୍ଥିତ ଦେଉଳା - ପାଣିଷଣ୍ଡା ରାସ୍ତା ଦେଇ କେତେକ ବ୍ୟକ୍ତି ଗୋରୁ ନେଇ ଚାଲି ଚାଲି ଯାଉଥିବା ବେଳେ ଉକ୍ତ ଗ୍ରାମର ବଜରଙ୍ଗଦଳର ଯୁବକ ମାନେ ୩ଟି ବାଛୁରୀ ଓ ଗୋଟିଏ ଗାଈ ସହିତ ସମ୍ପୃକ୍ତ ବ୍ୟକ୍ତି ମାନଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ସାମୟିକ ଭାବେ ଉତ୍ତେଜନା ଦେଖାଯାଇଥିଲା। ଖବର ପାଇ ଭୋଗରାଇ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବୁଝା ସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପରେ ଅଟକ ଥିବା ଗୋରୁ, ବାଛୁରୀ ସହ ସମ୍ପୃକ୍ତ ବ୍ୟକ୍ତି ମାନଙ୍କୁ ଛଡ଼ାଯାଇଥିଲା।

## ସୋର ସତ୍ୟସାଇ ସଂଗଠନ ତରଫରୁ ରକ୍ତଦାନ ଶିବିର



୬୫ ୟୁନିଟ୍ ରକ୍ତ ସଂଗୃହୀତ

ସୋର, ୩୦।୬ (ସମିସ): ଆଜି ସୋର ସତ୍ୟସାଇ ସେବା ସମିତି ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟା ସମୟରେ ଏହି ଶିବିରକୁ ଡା. ସତିଶ କୁମାର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସଂଗଠନର ସ୍ୱେଚ୍ଛାସେବୀମାନେ ସ୍ୱତଃପ୍ରବୃତ୍ତ ଭାବେ ରକ୍ତଦାନ କରିଥିଲେ। ବାଲେଶ୍ୱର ରକ୍ତ ଭଣ୍ଡାରର କର୍ମଚାରୀ ଜଗନ୍ନାଥ ପଣ୍ଡା, ବିଜୟ କୁମାର ପଟ୍ଟନାୟକ, ଅଜୟ କୁମାର ମହାପାତ୍ର, ବିଦ୍ୟାଧର ସାହୁ ଓ ରାଜେଶ ମହାପାତ୍ର ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ମୋଟ ୬୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରରେ ସୋର ପୌରାପାଳିକାର ଉପାଧ୍ୟକ୍ଷା ସସ୍ମିତା ଦାସ, ନରେନ୍ଦ୍ର କୁମାର ମହାଲିକ, ତପନ କୁମାର ସାହୁ, କ୍ଷୀତିଶ କୁମାର ଧଡ଼ା, ତାପସ କୁମାର ଜେନା ଏବଂ ସମସ୍ତ ସାଇ ସେବକ ସହଯୋଗ କରିଥିବା ବେଳେ ଆବାହାକ ଭଗବାନ ମହାପାତ୍ର ଏହାକୁ ପରିଚାଳନା କରିଥିଲେ।

### ଜନ୍ମପୀଠରେ ଭକ୍ତକବି ଦୀନକୃଷ୍ଣ ଦାସ ଜୟନ୍ତୀ ପାଳିତ

## 'ଦୀନକୃଷ୍ଣଙ୍କ କାବ୍ୟ ରସର ଅସରନ୍ତି ଉତ୍ସ'

ଜଳେଶ୍ୱର ବ୍ଲକ, ୩୦।୬ (ସମିସ):





ଜଳେଶ୍ୱର ବ୍ଲକ ଅଞ୍ଚଳର ମୁଣ୍ଡତୁଣିଆ ଗାଁର କବିଡିହରେ ଦୀନକୃଷ୍ଣଙ୍କ ଜୟନ୍ତୀ ଓ ୪୫ ତମ ସମାବର୍ତ୍ତନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଓଡ଼ିଶା ଓ ପଶ୍ଚିମବଙ୍ଗର ବହୁ ସାରସ୍ୱତ ସାଧକ ଉପସ୍ଥିତ ହୋଇ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ ସଭାରେ ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ସଭାପତିତ୍ୱ କରି ଦୀର୍ଘ ୪୫ ବର୍ଷ ଧରି ଅନୁଷ୍ଠାନ ପକ୍ଷରୁ ପରିଷଦର ବାର୍ଷିକ ଉତ୍ସବ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସହିତ ମିଶି ରୀତିଯୁଗୀୟ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜନ୍ମ ଉତ୍ସବ ପାଳିତ ହୋଇ ଆସୁଥିବା ଏବଂ କବି ଓଡ଼ିଶାର ଜଣେ ଓ ଅଭିନ୍ନ ବୋଲି ଯୁକ୍ତି ବାଢ଼ିଥିଲେ। ଉପାନ୍ତ ଏପରି ପଲ୍ଲୀ ଅଞ୍ଚଳରେ ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତିର ସୁରକ୍ଷା ଅଭ୍ୟୁନ୍ନତ ନିମନ୍ତେ କାର୍ଯ୍ୟ କରି ଆସୁଥିବାର ସେ କହିଥିଲେ। ମୁଖ୍ୟ ଅତିଥି ଭାବେ ପଶ୍ଚିମବଙ୍ଗର ବିଖ୍ୟାତ ସାରସ୍ୱତ ସାଧକ ଗୋପାଳ ଚନ୍ଦ୍ର ବସୁ ଯୋଗ ଦେଇ ଦାରିଦ୍ର୍ୟତା କଷାଘାତ ମଧ୍ୟରେ ଆଧ୍ୟାତ୍ମିକ ଚିନ୍ତା ଚେତନାକୁ ନେଇ ଆଳଙ୍କାରିକ ଶବ୍ଦ ବିନ୍ୟାସରେ ରସାପ୍ଲୁତ କାବ୍ୟ ରଚନା କରିବା ବିଶ୍ୱରେ ଦୀନକୃଷ୍ଣ ଅଗ୍ରଗଣ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ବିବେକାନନ୍ଦ ସାହୁ ଯୋଗଦେଇ କବିଙ୍କ ର କ୍ରାନ୍ତିକାରୀ ସୃଷ୍ଟି ଗୁଡ଼ିକ ମଧ୍ୟରେ ଭକ୍ତି ଚେତନା ଓ ଆବେଗ ହୃଦୟଗ୍ରାହୀ ବୋଲି କହିଥିଲେ। ସତ୍ୟ, ସ୍ୱଷ୍ଟ, ସୃଷ୍ଟି ମଧ୍ୟରେ ଛନ୍ଦ ଓ ଅଳଙ୍କାରକୁ ନେଇ ତାଙ୍କ ରଚନା ଆଜିବି ଅମର ରହିଛି ବୋଲି କହିଥିଲେ। ଅଧ୍ୟାପକ ଦୟାନିଧି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କବି ଦୀନକୃଷ୍ଣ, ଭକ୍ତି ଯୋଗର ତତ୍ତ୍ୱ ତଥା ଗୌଡ଼ିୟ ଚିନ୍ତା ଚେତନା ମଧ୍ୟରେ ଉତ୍କଳୀୟ ଚିନ୍ତାକୁ ଅଧିକ ଜୀବନ୍ତ କରିଛନ୍ତି ବୋଲି କହିଥିଲେ। ଢେଙ୍କାନାଳ ର ଏକ ଘରିଆ ଗାଁରୁ ଆସିଥିବା ଡ ଦୁର୍ଗା ମାଧବ ପୃଷ୍ଟି ଭକ୍ତ କବିଙ୍କ ଜନ୍ମ ଜଳେଶ୍ୱର ସୁବର୍ଣ୍ଣରେଖା ନଦୀ କୂଳ ମୁଣ୍ଡତୁଣିଆରେ ହୋଇଥିଲା ବେଳେ ତାଙ୍କର ବାସସ୍ଥାନ ଏକ ଘରିଆ ଠାରେ ହୋଇଥିବାରୁ ଦୁଇ ସ୍ଥାନର ମହାନ୍ୟ ଓ କବିଙ୍କ ଲେଖନୀ ମୁନରେ ଅଧିକ ସ୍ୱଷ୍ଟ ହୋଇଛି। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ବିଜୟ କୁମାର ଘୋଷ, ହରିହର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଭକ୍ତକବିଙ୍କ ଲେଖାର ମାହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶିଶୁ ସାହିତ୍ୟିକ ତଥା ସାରସ୍ୱତ ସାଧକ ବ୍ରଜଗୋପାଳ ମହାନ୍ତିଙ୍କୁ ଚଳିତ ବର୍ଷର 'ଦୀନକୃଷ୍ଣ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଫକୀରମୋହନ ସାହିତ୍ୟ ସଂସଦର ମହିଳା ସଦସ୍ୟା ମାନଙ୍କ ଦ୍ୱାରା ଭକ୍ତକବି ଙ୍କ ସଙ୍ଗୀତ ଗାନ କରାଯାଇଥିଲା। ସୁଚିସ୍ମିତା କର, ଅନୁପମା ପରିଡ଼ାଙ୍କ ନୃତ୍ୟ ସହ ବହୁ ଛାତ୍ର ଛାତ୍ରୀ କବି ଦୀନକୃଷ୍ଣଙ୍କ କାବ୍ୟାଂଶ ଗାନ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ। ଯୋଗେଶ କୁମାର ରାଉଳ ମଞ୍ଚ ଆହ୍ୱାନ, ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି କବି ବ୍ରଜେନ୍ଦ୍ର ନାଥ ଗିରି, ଉପସଭାପତି ଡ ଅଜିତ କୁମାର ମହାନ୍ତି, ସୁଶାନ୍ତ ନାୟକ, କଳ୍ପନା ଘୋଷ, ଶରତ ଚନ୍ଦ୍ର ପରିଡ଼ା, ଡାକ୍ତର ପଦ୍ମନାଭ ପ୍ରଧାନ, ପ୍ରଦୀପ ମିଶ୍ର, ବିପ୍ଳବ ପ୍ରଧାନ, ଜ୍ୟୋତିଷ କର ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସ୍ମୃତି ପରିଷଦର ମୁଖପତ୍ର, ସମକାଳୀନ ସାହିତ୍ୟ, ଡ ଦୁର୍ଗାମାଧବ ପୃଷ୍ଟିଙ୍କ କବି ଦୀନକୃଷ୍ଣ ଓ ଶରଣ ଶ୍ରୀକ୍ଷେତ୍ର, ରଞ୍ଜନ କୁମାର ଘୋଷଙ୍କ ସୁବର୍ଣ୍ଣମନା, ଯତୀନ୍ଦ୍ର ନାଥ ମହାନ୍ତିଙ୍କ ଜାତି ପତି ଉତେିଦ୍ଧର ଜଗନ୍ନାଥ ସଂସ୍କୃତି ପ୍ରଭୃତି ପୁସ୍ତକକୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ଅପରାହ୍ନରେ ବହୁ କବି ଡାକ୍ତର ଶ୍ରୀକୁମାର ଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବାରମ୍ବାର ଦାବି ପରେ ଲାଗିଲା ଜନସୂଚନା ଫଳକ

ବାଲେଶ୍ୱର, ୩୦।୬ (ସମିସ): ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ସୂଚନା ଅଧିକାର କର୍ମୀମାନେ ବାରମ୍ବାର କହିବା ପରେ ଆଜି ବିଡିଓଙ୍କ କାର୍ଯ୍ୟାଳୟରେ ଜନ ସୂଚନା ଫଳକ ଲଗାଯାଇଛି। ଏହାଦ୍ୱାରା ସାଧାରଣ ଲୋକମାନେ ଏଣିକି ସୁବିଧାରେ ପାଇପାରିବେ ଅଧିକାରୀଙ୍କ ନମ୍ବର। ଦୀର୍ଘ ୨ ବର୍ଷ ଦାବି ପରେ ଏହି ଜନ ସୂଚନା ଫଳକ ଲାଗିଛି ରେମୁଣା ପଞ୍ଚାୟତ ସମିତି ଜନ ସୂଚନା ଫଳକରେ ପଦବୀ, ଅଧିକାରୀଙ୍କ ନାମ, କାର୍ଯ୍ୟାଳୟର ପଦବୀ ଏବଂ ଯୋଗାଯୋଗ ନମ୍ବର ରହିଛି। ବିଶେଷକରି ଏଥିରେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକ, ଜନ ସୂଚନା ଅଧିକାର ଯୋଗାଣ ନିରୀକ୍ଷକ ନରସିଂହ ବେହେରା ଓ ସହକାରୀ ଜନ ସୂଚନା ଅଧିକାରୀ ବରିଷ୍ଠ ରାଜସ୍ୱ ସହାୟକ ଶ୍ରୀକାନ୍ତ ବେହେରାଙ୍କ ନାମ ଓ ଯୋଗାଯୋଗ ନମ୍ବର ଉଲ୍ଲେଖ ରହିଛି। ଏଥିପାଇଁ ରେମୁଣା ବ୍ଲକ ବିଡ଼ିଓଙ୍କୁ ସୂଚନା ଅଧିକାର କର୍ମୀ କମଳ ଲୋଚନ ରାଉତ, ରଞ୍ଜନ କୁମାର ଦାସ ଓ ଅନ୍ୟ କର୍ମୀମାନେ ଧନ୍ୟବାଦ ଜଣାଇଛନ୍ତି।

## ସୂର୍ଯ୍ୟାଂଶୁ ଫାଉଣ୍ଡେସନ ଦ୍ୱାରା ରକ୍ତଦାନ ଶିବିର



ଖନ୍ତାପଡ଼ା, ୩୦।୬ (ସମିସ): ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୂର୍ଯ୍ୟାଂଶୁ ଫାଉଣ୍ଡେସନ ଅନୁଷ୍ଠାନ ତରଫରୁ ଆୟୋଜିତ ହୋଇଥିଲା। ଏହି ଶିବିରରେ ମୁଖ୍ୟଅତିଥି ଭାବେ ବାହାନଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖନ୍ତାପଡ଼ା ମେଡିକାଲ ଅଧକ୍ଷ ଡ. ଧିରେଶ କୁମାର ଷଢଙ୍ଗୀ, ସମ୍ମାନିତ ଅତିଥି ଭାବେ ପଥରପେଣ୍ଠ ସରପଞ୍ଚ ଉର୍ମିଳା ପାଣ୍ଡିଆ, ମନୁଜ ପାଣ୍ଡିଆ, ମଧୁସୂଦନ ବାରିକ, ତପନ କୁମାର ବେହେରା ପ୍ରମୁଖ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଅଞ୍ଚଳ ରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ବାଲେଶ୍ୱର ରକ୍ତ ଭଣ୍ଡାରରେ ଅନେକ ସମୟ ରେ ରକ୍ତ ସଙ୍କଟ ଦେଖା ଦେଉଛି। ତେଣୁ ଏଭଳି ଶିବିର ମାଧ୍ୟମରେ ସ୍ୱେଚ୍ଛାସେବୀ ମାନେ ମୁଖ୍ୟ ଭୂମିକା ଗ୍ରହଣ କରି ଏହି ସମସ୍ୟାକୁ ଦୂର କରିବାକୁ ଚେଷ୍ଟା ଜାରି ରଖିଥାନ୍ତି ବୋଲି ଅନୁଷ୍ଠାନର ସମ୍ପାଦକ ଦୀପକ ମଲିକ ମତବ୍ୟକ୍ତ କରିଛନ୍ତି। ପ୍ରବଳ ବର୍ଷା ସତ୍ତ୍ୱେ ୨୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମନୋଜ ସ, ନରେନ୍ଦ୍ର ପାତ୍ର, ଦେବେନ୍ଦ୍ର ମଲିକ, ଚନ୍ଦନ ଦାସ, ଦିପେନ୍ଦ୍ର ପାତ୍ର, ପ୍ରଶାନ୍ତ ମଲିକ, ତପନ ବେହେରା, ମୋନାଲିସା ଦାସ, ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟିକା

ବାଲିଆପାଳ, ୩୦।୬ (ସମିସ): ବସ୍ତା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ପ୍ରଥମ ମହିଳା ବିଧାୟିକ ସୁବାସିନୀ ଜେନା ଆଜି ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତ ତାପଣ୍ଡିଆ ସ୍ଥିତ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଆଦର୍ଶ ଶିକ୍ଷକ ଅଜୟ କୁମାର ଗିରିଙ୍କୁ ତାଙ୍କ ନିଖିରାସ୍ଥିତ ବାସଭବନରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଗିରି ଜଣେ ଅତ୍ୟନ୍ତ ନମ୍ର ଓ ଭଦ୍ର ବ୍ୟକ୍ତି ଏବଂ ଛାତ୍ରବତ୍ସଳ ଶିକ୍ଷକ ଭାବରେ ସମଗ୍ର ଅଞ୍ଚଳରେ ସେ ଖୁବ୍ ପରିଚିତ ଥିଲେ ବୋଲି ବିଧାୟିକା ଶ୍ରୀମତୀ ଜେନା କହି ତାଙ୍କ ସୁସ୍ଥ, ନିରାମୟ ଦୀର୍ଘ ଜୀବନ କାମନା କରିଥିଲେ।

### ● ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍ ପରୀକ୍ଷା

## ଦିବ୍ୟଜ୍ୟୋତି ରାଉତଙ୍କୁ ସ୍ୱର୍ଣ୍ଣ ପଦକ



ବାଲେଶ୍ୱର, ୩୦।୬ (ସମିସ): ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ୮ମ ଶ୍ରେଣୀର ଛାତ୍ର ଦିବ୍ୟଜ୍ୟୋତି ରାଉତ ଚଳିତ ବର୍ଷ ନେସନାଲ ସାଇନ୍ସ ଅଲିମ୍ପିଆଡ ଫାଉଣ୍ଡେସନ, ନୂଆଦିଲ୍ଲୀ ତରଫରୁ ଆୟୋଜିତ ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍ ପରୀକ୍ଷାରେ ବିଶେଷ କୃତିତ୍ୱ ହାସଲ କରିଛନ୍ତି। ସେଥିପାଇଁ ଫାଉଣ୍ଡେସନ ତରଫରୁ ତାଙ୍କୁ ଏକ ମାନପତ୍ର ଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ସେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡକ୍ଟର ସନ୍ତୋଷ କୁମାର ରାଉତଙ୍କ ପୁତ୍ର। ସେ ଜଣେ ମେଧାବୀ ଛାତ୍ର। ତାଙ୍କର ରୁଚି ଗଣିତ, ଇଂରାଜୀ ଓ ବିଜ୍ଞାନରେ ଅଧିକ ଦେଖିବାକୁ ମିଳେ। ପୂର୍ବରୁ ସେ ବିଜ୍ଞାନ ଓ ଇଂରାଜୀ ବିଷୟରେ ଆନ୍ତର୍ଜାତୀୟ ଅଲିମ୍ପିଆଡ ପରୀକ୍ଷାରେ ବହୁବାର ମଧ୍ୟ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ଆଗାମୀ ଦିନରେ ଆହୁରି ଆଗକୁ ଯାଇ ପିତାମାତାଙ୍କ ସମ୍ମାନ ଓ ବିଦ୍ୟାଳୟର ଗୌରବକୁ ଅଭିବୃଦ୍ଧି କରିବେ ବୋଲି କହିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଖଇରା, ୩୦।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତ ଅଧୀନ କନ୍ତିଆ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ପ୍ରସାଦ ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ରବିବାର ବିଦ୍ୟାଳୟ ପରିସରରେ ଓଷ୍ଟା ଖଇରା ଶାଖାର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ଦାଶ, ସୁଶାନ୍ତ କୁମାର ମିଶ୍ର, ମୁକ୍ତକାନ୍ତ ସ୍ୱାଇଁ, ବଳରାମ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ଇଶ୍ୱର ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ମଞ୍ଚ ପରିଚାଳନା ଓ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପରିଚାଳନା କମିଟିର ସମସ୍ତ ସଭ୍ୟ, ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଲଟିଲା ପଥର ବୋଝେଇ ଗାଡ଼ି



ସୋର, ୩୦।୬ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡ଼ା ନିକଟରେ ଆଜି ସକାଳେ ଏକ ପଥର ବୋଝେଇ ଡମ୍ଫର ରାସ୍ତା ମଝିରେ ଓଲଟି ପଡ଼ିବା ଫଳରେ ଦୀର୍ଘ ସମୟ ଧରି ରାସ୍ତାରେ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବାଗୁଡ଼ି ଖାଦାନରୁ ଡମ୍ଫରଟି ପଥର ବୋଝେଇ କରି ଯାଉଥିବା ବେଳେ ଦହିସଡ଼ା ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହାର ଡାଇଭର ଏବଂ ହେଲପର ସାମାନ୍ୟ ଆହତ ହୋଇଥିବା ବେଳେ ରାସ୍ତାରେ ଗାଡି ଚଳାଚଳ କିଛି ସମୟ ପାଇଁ ବନ୍ଦ୍ ହୋଇଯାଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଡମ୍ଫରଟିକୁ ରାସ୍ତାରୁ ହଟାଇବା ପରେ ଅବରୋଧ ସ୍ୱାଭାବିକ ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିରାଶ୍ରୟ ମହିଳାଙ୍କ ଇଚ୍ଛାମୃତ୍ୟୁ ନିବେଦନ





ରାଇବଣିଆ, ୩୦।୬ (ସମିସ): ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଇଚ୍ଛା ମୃତ୍ୟୁ ନିବେଦନ କଲେ ଜଳେଶ୍ୱର ପୌରାଞ୍ଚଳ ୯ ନଂ ୱାର୍ଡର ନିରାଶ୍ରୟ ମହିଳା କାଞ୍ଚନ ନାୟକ। ୩୫ବର୍ଷ ପୂର୍ବେ ବସ୍ତା ବ୍ଲକ ରଘୁନାଥପୁର ଗ୍ରାମ ପଞ୍ଚାୟତ ଗିଲାଜୁଡି ଗ୍ରାମର କାଞ୍ଚନ ନାୟକ ସ୍ୱାମୀଙ୍କ ଠାରୁ ପରିତ୍ୟକ୍ତା ହେବା ପରେ ଜଳେଶ୍ୱର ସହରର ବ୍ଲକ ବଜାର ସ୍ଥିତ ସୀମା ପ୍ରିଂଟିଂ ପ୍ରେସରେ କାର୍ଯ୍ୟକରି ଚଳିଆସୁଥିଲେ। ପରେ ନିଜେ ବାସୁ ପ୍ରିଣ୍ଟସ୍ ନାମକ ଏକ ସଂସ୍ଥା ଖୋଲି ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟର କାର୍ଡ ଓ ରସିଦ ଇତ୍ୟାଦି ସ୍କ୍ରୀନ ପ୍ରିଣ୍ଟିଂ କାର୍ଯ୍ୟକରି ନିଜର ଗୁଜୁରାଣ ମେଣ୍ଟାଇଥିଲେ। ଗତ ୧୭ତାରିଖ ଦିନ ସେ ରହୁଥିବା ଏକ ଦୁଇମହଲା ଭଡାଘରୁ ଓହ୍ଲାଇବାକୁ ଥିବା ଲୁହାସିଡ଼ିରୁ ଗୋଡ ଖସିଯାଇ ପଡ଼ିଯାଇଥିଲେ। ଏଥିରେ ସେ ଗୁରୁତର ହେବା ସହିତ ଗୋଡ ଓ ଅଣ୍ଟା ହାଡ ଭାଙ୍ଗିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଜଳେଶ୍ୱର ଜି.କେ. ଭଟ୍ଟର ହସପିଟାଲକୁ ନେଇଯାଇଥିଲେ। ପରେ ସ୍ଥାନୀୟ ଲୋକେ ଏକ ଘରୋଇ ଆମ୍ବୁଲାନ୍ସରେ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ତାଙ୍କୁ ନେଇଯାଇଥିଲେ। ସେଠାରେ ମଧ୍ୟ ତାଙ୍କର ଚିକିତ୍ସା ହୋଇପାରିବ ନାହିଁ ବୋଲି ଡାକ୍ତର କହିବା ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ମଧ୍ୟ ବହୁ ଚେଷ୍ଟା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ ଦୁଇଦିନ ପରେ ତାଙ୍କୁ ହସପିଟାଲରୁ ଡିସଚାର୍ଜ କରିଦେଇଥିଲେ। ଫଳରେ ପୁଣି ସ୍ଥାନୀୟ ଭଡାଘରେ ଆଣି ଛାଡିଦେଇଥିଲେ। ଏବେ ସେ ଯନ୍ତ୍ରଣା ଭୋଗୁଛନ୍ତି। ନିଜର ହାତ ଗୋଡ ଚାଲୁ ନଥିବା ବେଳେ ତାଙ୍କର ସେବା କରିବା ପାଇଁ କେହି ନାହାନ୍ତି ବୋଲି କାଞ୍ଚନ କହିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏକ୍ସ (ଟୁଇଟର) ଜରିଆରେ ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିଛନ୍ତି।

## ସତ୍ୟବ୍ରତଙ୍କୁ ଜାତୀୟ ଶ୍ରେଷ୍ଠ କଣ୍ଠଶିଳ୍ପୀ ସମ୍ମାନ

ନୀଳଗିରି, ୩୦।୬ (ସମିସ):



ନୂଆଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସରକାରୀ ସ୍ୱୀକୃତି ପ୍ରାପ୍ତ (ୱାର୍ଲ୍ଡ ଚାରିଟି ୱେଲଫେୟାର ଫାଉଣ୍ଡେସନ) ନୂଆଦିଲ୍ଲୀ ତରଫରୁ ଜାତୀୟ ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ଭାରତର ପ୍ରତିଯୋଗୀ ମାନେ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକରେ ଜନ୍ମିତ ତଥା ବର୍ତ୍ତମାନ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱରରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ବିଭାଗର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ର ଶ୍ରୀମାନ୍ ସତ୍ୟବ୍ରତ ଜେନା ଜାତୀୟ ସ୍ତରରେ ଶ୍ରେଷ୍ଠ କଣ୍ଠଶିଳ୍ପୀ ସମ୍ମାନ -୨୦୨୪ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏଥିପାଇଁ ତାଙ୍କୁ ନୂଆଦିଲ୍ଲୀରୁ ମେଲ୍ ଜରିଆରେ ସିଲେକ୍ସନ, କନଫରମେଶନ ଏଣ୍ଡ ଇନଭାଇଟେସନ ଲେଟର ଆସିଥିଲା। ୱାର୍ଲ୍ଡ ଚାରିଟି ୱେଲଫେୟାର ଫାଉଣ୍ଡେସନ ତରଫରୁ ଜୁନ୍ ୨୯ ତାରିଖ ସକାଳ ୧୦ଟାରେ କଟକ ସ୍ଥିତ ଶତାବ୍ଦୀ ଭବନଠାରେ ବିଶ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚାସୀନ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ତାମିଲନାଡୁ ବୈଦିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର କାନୁନଗୋ ଓ ଅନ୍ୟାନ୍ୟ ଅତିଥିଙ୍କ ଗହଣରୁ ବାଲେଶ୍ୱର ଜିଲ୍ଲାର ଉଦୀୟମାନ ଯୁବ ପ୍ରତିଭା, ସିଦ୍ଧାର୍ଥ ଟିଭିର ଆଗଧାଡିର କଣ୍ଠଶିଳ୍ପୀ ତଥା ବର୍ତ୍ତମାନ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକ ଅଧ୍ୟୟନରତ ଛାତ୍ର ଶ୍ରୀମାନ୍ ସତ୍ୟବ୍ରତ ଜେନାଙ୍କୁ ନିଜର ଉଚ୍ଚକୋଟୀର ପ୍ରତିଭା ତଥା ସଙ୍ଗୀତ ଜଗତରେ ଏକ ଉଜ୍ଜଳମୟ ତାରକା ତଥା ନିଜର କୃତିତ୍ୱର ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜାତୀୟ ଶ୍ରେଷ୍ଠ କଣ୍ଠଶିଳ୍ପୀ ସମ୍ମାନ ୨୦୨୪ରେ ସମ୍ବର୍ଦ୍ଧିତ କରାଯାଇଛି। ପିତା ଗଣେଶ୍ୱର ଜେନା ଏବଂ ମାତା କାଞ୍ଚନ ଜେନାଙ୍କ କୋଳମଣ୍ଡନ କରି ମାତ୍ର ୧୯ ବର୍ଷ ବୟସରୁ ଜଣେ ମେଧାବୀ ଛାତ୍ର ସହିତ ଚମତ୍କାର ପ୍ରତିଭାର ଅଧିକାରୀ ହେବା ସଙ୍ଗେ ସଙ୍ଗେ ସଫଳତା ସାଉଁଟି ପାରିଛନ୍ତି। ସତ୍ୟବ୍ରତ ରାଜ୍ୟସ୍ତରୀୟ ସ୍କାଉଟ ରେ ନିଜର ଦକ୍ଷତା ପରିଦର୍ଶନ କରି ଓଡ଼ିଶାର ରାଜ୍ୟପାଳଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି, ସେହିପରି 'ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ସାରା ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀଙ୍କୁ ଠାରୁ ପୁରସ୍କୃତ ପୁଣି ସିଦ୍ଧାର୍ଥ ଟିଭି ଚ୍ୟାନେଲ ରିୟେଲିଟି ସୋ 'ଓଡ଼ିଶାର ନୂଆ ସ୍ୱର' ଏବଂ ସିଦ୍ଧାର୍ଥ ଭକ୍ତି ଚ୍ୟାନେଲ ପ୍ରସାରିତ 'ଭକ୍ତି ଆଖଡ଼ା' କାର୍ଯ୍ୟକ୍ରମରେ ଗ୍ରାଣ୍ଡ ଫାଇନାଲରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଓଡ଼ିଶାର ସୁନାମଧନ୍ୟା କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କଠାରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି। ସେ ତାଙ୍କର ଏହି ସଫଳତାର ଶ୍ରେୟ ନିଜର କଠିନ ପରିଶ୍ରମ, ବାପା, ମା, ଗୁରୁଜନ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ନିଜର ପରମ ସୌଭାଗ୍ୟ ବଳରେ ସମ୍ଭବପର ହୋଇଛି ବୋଲି କହିଛନ୍ତି। ଏଥିପାଇଁ ତାଙ୍କୁ ପ୍ରଶଂସକଙ୍କ ମହଲରୁ ପ୍ରଶଂସାର ସୁଅ ଛୁଟିବା ସହିତ ଅନେକ ଶୁଭେଚ୍ଛାର ବାର୍ତ୍ତା ମିଳିଛି। ଏପଟେ ବିଜେବି କଲେଜର ପ୍ରିନ୍ସିପାଲ୍ ପ୍ରଫେସର ଇତିଶ୍ରୀ ପାଢ଼ୀ ତାଙ୍କର ଉଜ୍ଜଳମୟ ଭବିଷ୍ୟତ କାମନା କରିଛନ୍ତି।



**ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ଉତ୍ସବ**

# ଚଳିତ ବର୍ଷ ସଂଗୃହୀତ ହୋଇଛି ୩୧ ହଜାର ୟୁନିଟ୍ ରକ୍ତ

ବାଲେଶ୍ୱର, ୩୦।୬(ସମିସ): ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କମଲ ଚକ୍ରବର୍ତ୍ତୀ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ରକ୍ତ ପୃଥକୀକରଣର ଉଦ୍ଭାବକ ବୈଜ୍ଞାନିକ କାରଲ ଲେଣ୍ଡଷ୍ଟେନାର ଓ ରକ୍ତ ଉପରେ ବିଶେଷ ଗବେଷଣା କରିଥିବା ତଥା ପୂର୍ବତନ ଓଡ଼ିଶା ରକ୍ତକେନ୍ଦ୍ର ଅଧିକାରୀ ଡ. ମହେଶ କୁମାର ବିଶ୍ୱାଳଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ଡ. ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଗଠନର ବାର୍ଷିକ ମୁଖପତ୍ର 'ସ୍ପନ୍ଦନ'ର ସ୍ୱର୍ଗତ ଡ. ଶ୍ରୀ ବିଶ୍ୱାଳ ସ୍ମୃତି ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଂଘର ଜିଲ୍ଲା ସାଧାରଣ ସମ୍ପାଦକ ଡ ହୃଷିକେଶ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ ଓ କୋଷାଧ୍ୟକ୍ଷ ଅକ୍ଷୟ କୁମାର ତ୍ରିପାଠୀ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ।




ଚଳିତବର୍ଷ ୫୪୧ଟି ରକ୍ତଦାନ ଶିବିର ଜରିଆରେ ୩୧୫୮୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି ଅବସରରେ ରକ୍ତଦାନ ଶିବିର ଆୟୋଜକମାନଙ୍କୁ ଓ ରକ୍ତଦାନ ସଚେତନତା ପାଇଁ ବିଶେଷ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତି ଏବଂ ସଙ୍ଗଠନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ଜିଲ୍ଲାର ରକ୍ତ ଆନ୍ଦୋଳନ, ରକ୍ତଦାତା ସଂଘର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସହ ଆଜିର ଦିନରେ ଅଧିକରୁ ଅଧିକ ରକ୍ତଦାନ ଶିବିରର ଆବଶ୍ୟକତା ରହିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବସ୍ତା ବିଧାୟିକା ସୁବାସିନୀ ଜେନା ଏବଂ ଓଡ଼ିଶା ରକ୍ତକେନ୍ଦ୍ରର ଅଧିକାରୀ ଡ. ବସନ୍ତ କୁମାର ଉପାଧ୍ୟାୟ ସେମାନଙ୍କ ବକ୍ତବ୍ୟରେ ଜିଲ୍ଲା ରକ୍ତଦାତା ସଂଘର ଉଦ୍ୟମ ଫଳରେ ବାଲେଶ୍ୱର ଜିଲ୍ଲା ସମଗ୍ର ରାଜ୍ୟରେ ରକ୍ତଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ରକ୍ତଦାନ ଭଳି ଏକ ମହତ କାର୍ଯ୍ୟ ସମ୍ପାଦନ କରିଥିବା ସଂଗଠନ ଓ ରକ୍ତଦାତାମାନଙ୍କ ଅବଦାନ ଫଳରେ 'ରକ୍ତ ଅଭାବରୁ କାହାରି ମୃତ୍ୟୁ ନ ହେଉ' ଏହା ବାଲେଶ୍ୱର ଜିଲ୍ଲାରେ ସମ୍ଭବ ହୋଇପାରିଛି ବୋଲି ମତ ଦେଇଥିଲେ। ପ୍ରାରମ୍ଭରେ ସଂଘର ଯୁଗ୍ମ ସମ୍ପାଦକ ମନୋରଞ୍ଜନ ଦାସ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଭାରେ ଆସନ୍ତା ୩ବର୍ଷ ପାଇଁ ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ପାଠ କରାଯାଇଥିଲା। ସଂଘର ପ୍ରତିଷ୍ଠାତା ସଭାପତି ବିପ୍ଳବ କୁମାର ମହାନ୍ତି, ସମ୍ପାଦିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଓ ବରିଷ୍ଠ ଉପଦେଷ୍ଟା ସେଖ ଜନତ ହୋସେନ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସାକ୍ଷୀଗୋପାଳସ୍ଥିତ ସତ୍ୟବାଦୀ ସଙ୍ଗୀତ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ କାର୍ଯ୍ୟନିର୍ବାହୀ ସଭ୍ୟ ଦେବାଶିଷ ପାଣି ଧନ୍ୟବାଦ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସର୍ବଶ୍ରୀ ବିଜୟ ପାତ୍ର, ଭଗବାନ ମହାନ୍ତି, ଗୋପାଳ ଚନ୍ଦ୍ର ମହାପାତ୍ର, ସୁକୁମାର ରଣା, ଶ୍ୟାମସୁନ୍ଦର ଜେନା, ଯଶୋଦାନନ୍ଦନ ଆଶ, ସଂଯୁକ୍ତା ପାତ୍ର, ଜାମସେଦ ଅଲ୍ଲୀ ଖାଁ, ପ୍ରଫୁଲ୍ଲ କୁମାର ଦାସ, ଗୌରାଙ୍ଗ ଚରଣ ପଣ୍ଡା, ସୁଲୋଚନା ବେହେରା, ପ୍ରମିଳା ରାଉତ ପ୍ରମୁଖ ସହଯୋଗ କରିଥିଲେ।

# 'ସ୍ୱରାଗିଣୀ'ର ବାର୍ଷିକ ଉତ୍ସବ




ବାଲେଶ୍ୱର, ୩୦।୬(ସମିସ): ସ୍ୱରାଗିଣୀ ମ୍ୟୁଜିକ ଆଣ୍ଡ ଆର୍ଟ ସ୍କୁଲ୍‌ର ବାର୍ଷିକ ଉତ୍ସବ ରବିବାର ଦିନ ସ୍ଥାନୀୟ ଗାନ୍ଧିସ୍ମୃତି ଭବନରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କମଳାକାନ୍ତ ପତି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋନାଲିସା ମହାନ୍ତି ଓ ନିବେଦିତା ବେହେରା ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୂର୍ବରୁ ଆୟୋଜିତ ହୋଇଥିବା ସଙ୍ଗୀତ ଓ ଚିତ୍ରକଳା ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଙ୍ଗୀତରେ ସବ୍ ଜୁନିଅର, ଜୁନିୟର ଓ ସିନିୟର୍ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ସେହିପରି ଚିତ୍ରକଳାରେ ଜୁନିୟର ଓ ସିନିୟର୍ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁ ଜୟନ୍ତ ବେହେରାଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କବି ପଦ୍ମଲୋଚନ ଦତ୍ତଙ୍କ ପୁସ୍ତକ ଉନ୍ମୋଚିତ



ବାଲେଶ୍ୱର, ୩୦।୬(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବି ପଦ୍ମଲୋଚନ ଦତ୍ତଙ୍କ ଦୁଇଟି କବିତା ପୁସ୍ତକ 'ଜୀବନ ସଂଗ୍ରାମ' ଓ 'ଅ ଆ କ ଖ' ଶାନ୍ତିକାନନଠାରେ ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ 'ଅକ୍ଷାଂଶ'ର ସମ୍ପାଦକ ତଥା ଶିକ୍ଷାବିତ୍ ଡ. ହରିଶ୍ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଓ ଗବେଷକ ଡ. ଭାଗବତ ପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ଦୁଇଟି ଉନ୍ମୋଚନ କରିଥିଲେ। କବି ଶ୍ରୀ ଦତ୍ତଙ୍କ ଲିଖିତ ପ୍ରତ୍ୟେକ କବିତାରେ ମାନବ ସମାଜ ପ୍ରତି ସୁନ୍ଦର ବାର୍ତ୍ତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାଲେଶ୍ୱର ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଇନଜୀବୀ ନିରଞ୍ଜନ ପରିଡ଼ା ଓ ଅଭିନେତା ନିରଞ୍ଜନ ରାଉତ କବି ପଦ୍ମଲୋଚନ ଦତ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସମ୍ପାଦକ ଦୀପକ ବୋଷ ପ୍ରାକ୍ କଥା ରଖିଥିବା ବେଳେ ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ଅନ୍ୟତମ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଦେଇଥିଲେ।

**● ଆମ ନ୍ୟୁଜର ବାର୍ଷିକ ଉତ୍ସବ ଉପଲକ୍ଷେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ**

# 'ସଫଳତା ପାଇଁ ପ୍ରତିଯୋଗିତା କେବେ ପ୍ରତିବନ୍ଧକ ନ ହେଉ'

ବାଲେଶ୍ୱର, ୩୦।୬(ସମିସ): ଜିଲ୍ଲାର ପ୍ରଥମ ବୈଦ୍ୟୁତିକ ଗଣମାଧ୍ୟମ ଆମ ନ୍ୟୁଜର ବିଂଶତମ ବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରର ଗୋପାଳ ଗାଁ ସ୍ଥିତ ଓଏସିସ କଲେଜ ପରିସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ତିନି ଶହରୁ




ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଆମ ନ୍ୟୁଜ ପରିବାରର ଉନ୍ନତି କାମନା କରିଥିଲେ। ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ କାମନା କରିଥିଲେ। ସଫଳତା ପାଇଁ ପ୍ରତିଯୋଗିତା କେବେ ପ୍ରତିବନ୍ଧକ ନ ହେଉ ବୋଲି ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଆମ ନ୍ୟୁଜର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ଉଦଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ବିଗତ ୨୦ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଅନ୍ତର୍ନିହିତ ପ୍ରତିଭା ଚୟନରେ ଆମନ୍ୟୁଜର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ମଧୁସୂଦନ ଦାସ, କବି ପ୍ରଶାନ୍ତ ଦାସ, ସମାଜସେବୀ ଅଞ୍ଜଳି ପଣ୍ଡା, ସାମ୍ବାଦିକ କିଶୋର ଦାସ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ ସହିତ ଆମ ନ୍ୟୁଜ ବାର୍ଷିକ ଉତ୍ସବର ସଫଳତା ସମ୍ବାଦ ପରିବେଷଣ ସେବା ଦେଇ ଆସୁଥିବା ଆମ ନ୍ୟୁଜର କାର୍ଯ୍ୟଶୈଳୀ ଓ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ସାମ୍ବାଦିକ ଗଙ୍ଗାଧର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅଜିତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୃତ୍ୟ, ଚିତ୍ରାଙ୍କନ, ଓଡିଆ ଓ ଇଂରାଜୀ ପ୍ରବନ୍ଧ ଲିଖନ ଏବଂ ଫେନସି ଡ୍ରେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁସ୍ମିତା ପଣ୍ଡା, ସୋନି ମହାନ୍ତି, ଜ୍ୟୋତିର୍ମୟୀ ସାମଲ, ଶୁଭଲକ୍ଷ୍ମୀ ସାହୁ, ସସ୍ମିତା ଦାସ ଓ ଦୀପିକା ମହାରଣା ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଆମ ନ୍ୟୁଜର ସମ୍ପାଦିକା ନିହାରିକା ମହାନ୍ତି ଓ ଡ. ଶ୍ରୀମାନ ଶ୍ରୀଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ପ୍ରଦୀପ ଚକ୍ରବର୍ତ୍ତୀ, ଅରୁପ ନାରାୟଣ ମହାନ୍ତି, ରଶ୍ମିରଞ୍ଜନ ସାହୁ, ଦିବ୍ୟାଶା ମହାନ୍ତି, ତ୍ରିଷା ମହାନ୍ତି, ଶବନମ ପାଣ୍ଡେ, ଶେଖ ବସିତ ଅଲ୍ଲୀ, ଅର୍ଜୁନ ସାହୁ, ଗଦାଧର ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଆମ ନ୍ୟୁଜର ବିଂଶତମ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# କଲେଜ ନିର୍ବାଚନ ନେଇ ଛାତ୍ର କଂଗ୍ରେସର ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୩୦।୬(ସମିସ): ୨୦୨୪ ସେପ୍ଟେମ୍ବରରେ ଅଲ୍ ଓଡ଼ିଶା କଲେଜ ନିର୍ବାଚନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଛାତ୍ର କଂଗ୍ରେସ ପକ୍ଷରୁ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଆଜି ବାଲେଶ୍ୱର କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର କଂଗ୍ରେସର ରେମୁଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମ୍ପାଦକ ସୌମ୍ୟ ରଞ୍ଜନ ମହାକୁଡ଼ଙ୍କ ଅଧ୍ୟକ୍ଷତା ରେ ଏହି ପ୍ରସ୍ତୁତି ବୈଠକରେ ଆଗାମୀ କଲେଜ ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟା ଗରିଷ୍ଠତା ହାସଲ ପାଇଁ ରଣ ନୀତି ପ୍ରସ୍ତୁତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତାରୁ ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ, ଛାତ୍ର କଂଗ୍ରେସର ନୀଳଗିରିରୁ ପୂର୍ବତନ ଛାତ୍ର ସଭାପତି ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ସାଧାରଣ ସମ୍ପାଦକ କମଳ ଲୋଚନ ପଣ୍ଡା, ଛାତ୍ର କଂଗ୍ରେସ ର ମିତ୍ରପୁର ସ୍ୱର୍ଣ୍ଣଚୂଡ଼ କଲେଜ ଅଡଜାର୍ଭର ଚନ୍ଦନ କୁମାର ମହାଳିକ, ଫକୀରମୋହନ କଲେଜ ଛାତ୍ରନେତା ସ୍ଥିତିଧର ଦାସ, ଛାତ୍ର ନେତାଙ୍କ ମଧ୍ୟରେ ଦିବ୍ୟରଞ୍ଜନ ମାଝୀ, ଶାନ୍ତନୁ ମହାଳିକ ପ୍ରମୁଖ କଂଗ୍ରେସ ନେତା, କର୍ମୀ ଉପସ୍ଥିତ ଥିଲେ।

# ନ୍ୟାୟ ଆଶାରେ ଦିବ୍ୟାଙ୍ଗ ବିମଳ

**● ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦୁଃଖ ଜଣାଇବେ**

ବାଲେଶ୍ୱର, ୩୦।୬(ସମିସ): ନ୍ୟାୟ ପାଇଁ ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୋମବାର ଦିନ ଦିବ୍ୟାଙ୍ଗ ବିମଳ କୁମାର ଦଲେଇ ଭେଟି ଦୁଃଖ ଜଣାଇବେ। ଜୁରିଆପାଟଣା ଗ୍ରାମର ଯଦୁନାଥ ଦଲେଇଙ୍କ ପୁଅ ବିମଳ। ୨୦୦୮ ମସିହାରେ ବଉଳ ଗ୍ରାମର କସ୍ତୁରୀ ଧାଉଁଡିଆ ପୁଅ ଗୟାଧର ଧାଉଁଡିଆଙ୍କ ପ୍ରଲୋଭନର ଶିକାର ହୋଇ ବିମଳ ଗୁଜରାଟ ଗାନ୍ଧୀ ନଗର ଯାଇଥିଲେ। ସେଠାରେ ପୂର୍ଣ୍ଣିତ ଧାମ ଜୈନ ତ୍ରିର୍ଥ କାମ କରିବା ସମୟରେ ଭାରା ଛିଡିଯିବାରୁ ମନ୍ଦିର ଉପରୁ ଖସି ପଡ଼ିଥିଲେ ବିମଳ। ଯାହା ଦ୍ୱାରା ବିମଳଙ୍କ ମେରୁଦଣ୍ଡରେ ଆଘାତ ହୋଇଥିଲା। ଉକ୍ତ ଠିକାଦାର ଜଣଙ୍କ ବିମଳଙ୍କ ୬ ମାସର ମଜୁରୀ ଟଙ୍କା ନ ଦେଇ ଉପଯୁକ୍ତ ଚିକିତ୍ସା ପାଇଁ ଖର୍ଚ୍ଚ ପ୍ରଦାନ କରିଲେ ନାହିଁ। ଓଲଟା ବିମଳଙ୍କ ବାପାଙ୍କଠୁ ଜୋର ଜବରଦସ୍ତ ସାଦା କାଗଜରେ ଦସ୍ତଖତ ନେଇ ଘରକୁ ପଠେଇ ଦେଲେ। ଫଳରେ ଠିକାଦାର ବିରୋଧରେ ବିମଳ ନୀଳଗିରି ଶ୍ରମ ଅଦାଲତରେ କେସ୍ କରିଛନ୍ତି। ମାତ୍ର ତାଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ମିଳୁନାହିଁ। ଅପରପକ୍ଷେ ବାଲେଶ୍ୱର ଜିଲ୍ଲା ଶ୍ରମ ଅଦାଲତରେ କ୍ଷତିପୂରଣ ବାବଦକୁ କେଶ ନମ୍ବର ୨୨/୨୦୧୬ ହୋଇଛି। ଠିକାଦାର ଜଣଙ୍କ କୋର୍ଟ ତାରିଖ ସମୟରେ ଅନୁପସ୍ଥିତ ରହିଥିଲେ। କିନ୍ତୁ ଠିକାଦାର ଜଣଙ୍କ ଟଙ୍କା ବଳରେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇ ସାନି ବିଚାର ପାଇଁ ହାଇକୋର୍ଟ ଜିଲ୍ଲା ଶ୍ରମ କୋର୍ଟ ଦୁଇ ମାସ ସମୟ ସୀମା ଭିତରେ କେସ୍ କୁ ଡିସ୍ପୋଜ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ମାସରୁ ଦୁଇ ବର୍ଷ ହୋଇଗଲା। କିନ୍ତୁ ବିନା ପ୍ରମାଣ ପତ୍ରର ଠିକାଦାର ଧରା ଛୁଆଁ ଦେଉ ନ ଥିଲା। ପୁଣି ଜିଲ୍ଲା ଶ୍ରମ କମିଶନ ଉକ୍ତ ଠିକାଦାରଙ୍କୁ ଡକାଇ ଦୁଇ ଲକ୍ଷ ଭିତରେ ଏକ ଅଫିସିଆଲି ଘୋଷଣା କରି ସେ ଦେବ ବୋଲି ରାଜି ହୋଇ ଦସ୍ତଖତ କରିଥିଲା। ଏକ ନିର୍ଦ୍ଧିଷ୍ଟ ସମୟ ସୀମାରେ ତାକୁ ଟଙ୍କା ଡିପୋଜିଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଠିକାଦାର ଜଣଙ୍କ କୋର୍ଟର ରାୟକୁ ଅବମାନନା କରି ଟଙ୍କା ଡିପୋଜିଟ କଲେ ନାହିଁ। ଦୀର୍ଘ ୧୨ ବର୍ଷ ଧରି ବିମଳ ଦିବ୍ୟାଙ୍ଗ ରୂପେ ଜୀବନ ଯାପନ କରୁଛନ୍ତି। ତାଙ୍କ ଭଳି ଅନେକଙ୍କ ଜୀବନ ଏହିପରି ହୋଇଛି। ମୋର ସୁସ୍ଥତା ନିମନ୍ତେ ଓ ମୋତେ ନ୍ୟାୟ ପ୍ରଦାନ କରିବା ଶହ ଠିକାଦାର ଗୟାଧର ଧାଉଁଡିଆ ଉପରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସହ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଦଣ୍ଡିତ କରାଇବାକୁ ବିମଳ ନିବେଦନ କରିଛନ୍ତି।




# ଭାଙ୍ଗିଗଲାଣି ଲକ୍ଷ୍ମୀପାଟଣା ପୋଲ



- ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ଲୋକେ
- ନୂତନ ପୋଲ ନିର୍ମାଣ ନ ହେଲେ ଆନ୍ଦୋଳନ

ଭୁଷଣ୍ଡେଶ୍ୱର, ୩୦।୬ (ସମିସ):

ଭୋଗରାଇ ବ୍ଲକ ଅଧୀନ ଭୋଗରାଇ ପଞ୍ଚାୟତ ଲକ୍ଷ୍ମୀପାଟଣା ଗାଁର ଏକ ପୋଲ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହି ପୋଲ ଦେଇ ପ୍ରତିଦିନ ଲୋକେ ଚାଷ ଜମିକୁ ଯାଉଥିବା ବେଳେ ଶହ ଶହ ଗାଈଗୋରୁ ମଧ୍ୟ ବିପଦପୂର୍ଣ୍ଣ ଭାବେ ଯିବା ଆସିବା କରୁଛନ୍ତି। କେତେବେଳେ ଯେ ଏହି ପୋଲ ଭୁଶୁଡ଼ି ପଡ଼ିବ ସେ ନେଇ ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି।
ପ୍ରକାଶ ଯେ, ୧୦ବର୍ଷ ପୂର୍ବରୁ ଡ୍ରେନେଜ ବିଭାଗ ପକ୍ଷରୁ ଏହି ଗାଁ ଦେଇ ଯାଇଥିବା ବୁଢ଼େଇ ନାଳ ଉପରେ ପୋଲ ନିର୍ମାଣ ହୋଇଥିଲା। ନାଳ ଆର ପାରି ଥିବା ପ୍ରାୟ ୧୦୦ ଏକରରୁ ଅଧିକ ଚାଷ ଜମିକୁ ଯାଉଥିବା ପ୍ରାୟ ୪୦ରୁ ୫୦ ପରିବାର ସହିତ ଗୋରୁ ଗାଈ ଛେଳି ମଧ୍ୟ ଚାରଣ ଭୂମିକୁ ଯାଇଥାନ୍ତି।ତେବେ ଏବେ ସେହି ପୋଲଟି ଭାଙ୍ଗିରୁଜି ଜରାଜୀର୍ଣ୍ଣ ଓ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଗାଁ ବାସୀ ଏହାକୁ ଭାଙ୍ଗି ନୂତନ ପୋଲ ନିର୍ମାଣ କରିବାକୁ ସ୍ଥାନୀୟ ଜନ ପ୍ରତିନିଧି ଏବଂ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ୍ୟ ଏ ନେଇ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ପ୍ରାୟ ଶହେରୁ ଅଧିକ ଚାଷୀ ପରିବାର ଅସୁବିଧାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି ବୋଲି ଏହି ଗାଁର ଶମ୍ଭୁନାଥ ମାଝୀ, ମନ୍ମଥ ମାଝୀ, ମହନ ଦଳାଇ, କେଶବ ଚନ୍ଦ୍ର ମାଝୀ, ସୁରେସ ବଢ଼େଇ ପ୍ରମୁଖ କହିଛନ୍ତି। ଏ ନେଇ ଯଦି ସରକାର ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଗ୍ରାମବାସୀଙ୍କ ତରଫରୁ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ନାଳରୁ ମହିଳାଙ୍କ ମୃତଦେହ ଉଦ୍ଧାର

ରାଇବଣିଆ, ୩୦।୬(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନା ଅଧିନସ୍ଥ ଚମାରଗାଁ ଗ୍ରାମ ପଞ୍ଚାୟତର ଘୋଳାଇ ଗ୍ରାମର ବଡନାଳ ନିକଟରେ ଏକ ଅଜଣା ମହିଳାଙ୍କ ମୃତ ଶରୀର ପାଣିରେ ଭାସୁଥିଲା। ଏହା ଦେଖି ଗ୍ରାମବାସୀ ସଙ୍ଗେ ସଙ୍ଗେ ରାଇବଣିଆ ଥାନାକୁ ଖବର ଦେଇଥିଲେ। ଖବର ପାଇ ରାଇବଣିଆ ଥାନା ଅଧିକାରୀ ଘଟଣାସ୍ଥଳକୁ ଆସି ମୃତ ଶରୀରକୁ ଉଦ୍ଧାର କରି ଅଧିକ ତଦନ୍ତ ଚଳାଇଛନ୍ତି।

# ସ୍ୱେଚ୍ଛାକୃତ ରକ୍ତଦାତା ପୁରସ୍କୃତ



ରାଜଘାଟ, ୩୦।୬ (ସମିସ): ବସ୍ତା ବ୍ଲକ ପାଉଁଶକୁଲି ଅଞ୍ଚଳର ଯୁବ ସମାଜସେବୀ ଜ୍ୟୋତିର୍ମୟ ନନ୍ଦଙ୍କୁ ସ୍ୱେଚ୍ଛାକୃତ ରକ୍ତଦାତା ଆୟୋଜକ ଭାବରେ ପୁରସ୍କୃତ କରାଯାଇଛି। ବାଲେଶ୍ୱରସ୍ଥିତ ଏକ ହୋଟେଲରେ ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ଉତ୍ସବ ଅବସରରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏବଂ ବସ୍ତା-ବାଲିଆପାଳ ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀଙ୍କ ନିକଟରୁ ଶ୍ରୀ ନନ୍ଦ ପୁରସ୍କାର ଗ୍ରହଣ କରିଥିଲେ।

# ଉତ୍ସର୍ଗ ପରିବାର ତରଫରୁ ବିଦ୍ୟାଳୟରେ ବୃକ୍ଷରୋପଣ




ଜଳେଶ୍ୱର ବ୍ଲକ, ୩୦।୬ (ସମିସ): ପ୍ରଚଣ୍ଡ ରୌଦ୍ରତାପ ଜୀବ ଜଗତକୁ ଅସ୍ତବ୍ୟସ୍ତ କରି ପକାଉ ଥିବାବେଳେ ବିଭିନ୍ନ ସଙ୍ଗଠନ, ବ୍ୟକ୍ତି ବିଶେଷ ସାମ୍ନାକୁ ଆସି ଅମ୍ଳଜାନ ପାଇଁ ଗଛ ଲଗାଇବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳିଛି। ଏପରିସ୍ଥଳେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଘୁନାଥପୁର ଗ୍ରାମ ପଞ୍ଚାୟତର ଆମ୍ବକୁଡୁଚି ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ଉତ୍ସର୍ଗ ପରିବାର ସଂଗଠନ ପକ୍ଷରୁ ବୃକ୍ଷରୋପଣ କରା ଯାଇଛି। ଉକ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଉତ୍ସର୍ଗ ପରିବାରର ସଭାପତି ରତିକାନ୍ତ ମିଶ୍ର, ସମ୍ପାଦକ ସପନ କୁମାର ରାଉତ, ଉପସଭାପତି ସୁରଜ୍ କୁମାର ପାତ୍ର, ମିଡ଼ିଆ ସଂଯୋଜକ ଚନ୍ଦନ କୁମାର ମହାପାତ୍ର, କୋଷାଧକ୍ଷ ସଞ୍ଜିତ କୁମାର ସାହୁ, ସଦସ୍ୟ ଖଗେନ୍ଦ୍ର ବେହେରା, ବିବେକ କୁମାର ଭଞ୍ଜ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ତପନ ଗିରି, ଗତିକୃଷ୍ଣ ଆଚାର୍ଯ୍ୟ, ଦିନେଶ ଜେନା, ଜୟଦେବ ରାଉତ, ବିକାଶ କୁମାର ଦାସ, ଗଣେଶ ଚନ୍ଦ୍ର ମଣ୍ଡଳ, ଅବିନାଶ ମହାନ୍ତି, ଜିତେନ୍ଦ୍ର ବେହେରା, ସତ୍ୟବ୍ରତ କାମିଲା, ଚନ୍ଦନ ଦାସ, ବିଜୟ ବାରିକ ଓ ଚନ୍ଦନ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

## ମୃତ ମହିଳାଙ୍କ ପରିଚୟ ଖୋଜୁଛି ଜିଆରପି

ରାଜଘାଟ, ୩୦।୬ (ସମିସ): ଗତ ୨୦୨୧ ଡିସେମ୍ବର ୧୫ ରେ ବାଲେଶ୍ୱର ରେଳବାଇ କ୍ୱାର୍ଟର ନଂ ସି-୩୮ ପାଖରୁ ଜଣେ ଅଜଣା ମହିଳାଙ୍କ ମୃତଦେହ ଜବତ ହୋଇଥିଲା। ମହିଳାଙ୍କ ବୟସ ୨୫ ବର୍ଷ ହେବ। ଉଚ୍ଚତା ୫ଫୁଟ, କଳାରଙ୍ଗ, ପତଳା ଚେହେରା, ଲମ୍ବା ମୁଖ। ଗୋଟିଏ କଳା ରଙ୍ଗର ଚୁଡ଼ିଦାର, ଧଳା/କଳା ରଙ୍ଗର ପଞ୍ଜାବି ପିନ୍ଧିଥିଲେ ଏବଂ ଦେହରେ ଗୋଟିଏ ଛିଟ ଓଢଣୀ ଥିଲା। ଏ ସମ୍ପର୍କରେ ଜିଆରପି ଥାନା ପୁଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ନଂ ୬୫/୨୧ ଏବଂ ପରେ ଏକ ମାମଲା ନଂ ୬୨/୨୨ ରୁଜୁ କରି ତଦନ୍ତ ଜାରି ରଖିଛି। ଇତିମଧ୍ୟରେ ୨ ବର୍ଷ ୬ ମାସ ବିତିଯାଇଥିଲେ ମଧ୍ୟ ମୃତ ମହିଳାଙ୍କ ପରିଚୟ ମିଳିପାରିନାହିଁ। ଏହି ମହିଳାଙ୍କ ସମ୍ପର୍କରେ ଯଦି କେହି ପରିଚୟ ପାଆନ୍ତି ତେବେ ବାଲେଶ୍ୱର ଜିଆରପି ଥାନା ସହ ଯୋଗାଯୋଗ କରିବା ପାଇଁ ଥାନା ପକ୍ଷରୁ କୁହାଯାଇଛି।

## ସରକାରୀ ଜାଗାରୁ ବାଲି ଚୋରା ଚାଲାଣ

# ଜେସିବି ସମେତ ୨ ଟ୍ରାକ୍ଟର ଜବତ, ଜଣେ ଗିରଫ



ଶ୍ରଦ୍ଧାପୁର, ୩୦।୬ (ସମିସ): ଭୋଗରାଇର କାନ୍ଠଭଉଁରୀ ପଞ୍ଚାୟତ ଅଧିନ ବଡ଼ପାହି ମୌଜାର ସରକାରୀ ଜାଗାରୁ ବାଲି ଚୋରା ଚାଲାଣ ଅଭିଯୋଗରେ ଭୋଗରାଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏଥିରେ ଏକ ଜେସିବି ସମେତ ୨ଟି ଟ୍ରାକ୍ଟର ଜବତ ହୋଇଛି। ୨ଜଣ ଡ୍ରାଇଭର ଚମ୍ପଟ ମାରିଥିବା ବେଳେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ଚନ୍ଦନେଶ୍ୱର ଫାଣ୍ଡି ଅଧୀକାରୀ ବନ ବିହାରୀ ଶତପଥୀ। ବିବରଣୀରୁ ପ୍ରକାଶ, ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଲଘୁ ଖଣିଜ ସମ୍ପଦ ଅନାୟସରେ ଚୋରା ଚାଲାଣ ହେଉଛି। ଭୋଗରାଇର ଉପାନ୍ତ ଅଞ୍ଚଳର ସରକାରୀ ଜାଗାରୁ ଚୋରା ବାଲି ଚାଲାଣ ହେଉଥିବା ବେଳେ ଦିନରାତି ସବୁବେଳେ ଡମ୍ପର ନଦୀ ବାଲି ସବୁ ପଶ୍ଚିମବଙ୍ଗକୁ ଯାଉଛି। ଖଣି ବିଭାଗ କିମ୍ବା ପୁଲିସ ପ୍ରଶାସନ ଏଥିପ୍ରତି ଆଖି ବୁଜି ଦେଇ ଥିବା ସାଧାରଣରେ ଚର୍ଚ୍ଚା ହୁଏ। ବଡ଼ପାହି ମୌଜାରେ ଥିବା ସରକାରୀ ଜାଗାରୁ ପ୍ରାୟ ୩ ଦିନ ବାଲି ଚୋରା ଚାଲାଣ ପରେ ଗାଁଲୋକେ ପୁଲିସକୁ ଅବଗତ କରାଇ ଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଶ୍ରୀ ଶତପଥୀ ଏବଂ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକ ମୁକ୍ତିକାନ୍ତ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସକୁ ଦେଖି ଜେସିବି ଓ ଜଣେ ଟ୍ରାକ୍ଟର ଚାଳକ ଚମ୍ପଟ ମାରିଥିଲେ। ମାତ୍ର କାନ୍ଠଭଉଁରୀ ପଞ୍ଚାୟତ ଅଧିନ ବଡପାହି ଗାଁର ବାନ୍ତିଆ ମାଝିଙ୍କ ପୁଅ ରୂପକକୁ ଗିରଫ କରିଥିଲେ।

## ଅବ୍ୟବସ୍ଥାକୁ ନେଇ ପ୍ରଧାନଶିକ୍ଷୟିତ୍ରୀଙ୍କୁ ତାଲା ପକାଇଲେ ଅଭିଭାବକ

ନୀଳଗିରି, ୩୦।୬(ସମିସ): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ରାଉଳଖୁଣ୍ଟା ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥାକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବାଗଙ୍କୁ ବିଦ୍ୟାଳୟ ଭିତରେ ରଖି ତାଲା ପକାଇଛନ୍ତି ସ୍ଥାନୀୟ ଅଭିଭାବକ। ଖବର ପାଇ ଔପଦା ସିଆରସିସି ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଛନ୍ତି। ଘଟଣାରୁ ପ୍ରକାଶ, ଏହି ବିଦ୍ୟାଳୟ ଶ୍ରେଣୀଗୃହ ଭିତରେ ବାଲି, ରଡ଼, ରଖାଯିବା ସହିତ ବାହାରେ ଘାସ ଓ ଅନା ବନା ଗଛରେ ଜଙ୍ଗଲ ଭଳି ହୋଇ ଯାଇଛି ବିଦ୍ୟାଳୟ ପରିସର। ଫଳରେ ବିଷାକ୍ତ ସରୀସୃପ ଏଠାରେ ବାସ କଲେଣି। ବିଦ୍ୟାଳୟ ଉନ୍ନତି ପାଇଁ ଆସୁଥିବା ଅନୁଦାନ ରାଶିକୁ ପ୍ରଧାନ ଶିକ୍ଷୟିତ୍ରୀ ଓ ବିଇଓ ମିଶିକରି ଆତ୍ମସାତ କରୁଥିବା ସ୍ଥାନୀୟ ଅଭିଭାବକ ଅଭିଯୋଗ ଆଣିବାପରେ ଏଭଳି ଚରମ ପଦକ୍ଷେପ ନେଇଥିବା ପ୍ରକାଶ କରିଛନ୍ତି। ଶନିବାର ବିଦ୍ୟାଳୟକୁ ୪୩ ଜଣ ପିଲା ପଢ଼ିବାକୁ ଆସିଥିବା ବେଳେ ୫୮ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପକାଯାଇଥିବା ଅଭିଯୋଗ ହୋଇଛି।

# ସନ୍ତୋଷ ପାତ୍ରଙ୍କୁ ଜାତୀୟସ୍ତରୀୟ ସମ୍ମାନ ପ୍ରଦାନ




ଭୋଗରାଇ, ୩୦।୬ (ସମିସ) : ଭୋଗରାଇର ଅନ୍ୟତମ ସାରସ୍ୱତ ସାଧକ, ବିଶିଷ୍ଟ ଶିକ୍ଷାବିତ ଡ. ସନ୍ତୋଷ କୁମାର ପାତ୍ରଙ୍କୁ ଲେଖକ ଓ କବି ଭାବେ ଜାତୀୟ ସ୍ତରୀୟ ସମ୍ମାନ ପ୍ରଦାନ କରା ଯାଇଛି। ଏଥିପାଇଁ ତାଙ୍କୁ ଭୋଗରାଇର ବିଭିନ୍ନ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି। ଭାରତ ସରକାରଙ୍କ ନୀତି ଆୟୋଗ, କ୍ଷୁଦ୍ର ଶିଳ୍ପ, ସାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଏହି ସମ୍ମାନ ମିଳିଛି। କଟକର ଶତାବ୍ଦୀ ଭବନରେ ବୌଦ୍ଧିକ ବିଶ୍ୱବିଦ୍ୟାଳୟ ତାମିଲନାଡୁର କୁଳପତି ପ୍ରଫେସର ଡ. ହରିହର କାନୁନଗୋ ଏକ ସତନ୍ତ୍ର ଉତ୍ସବରେ ଡ. ପାତ୍ରଙ୍କୁ ପ୍ରମାଣପତ୍ର, ଟ୍ରଫି, ମେଡାଲ ଏବଂ ଉତ୍ତରୀୟ ଆଦି ପ୍ରଦାନ କରିଛନ୍ତି। ଏହି ଅବସରରେ ଡ. ପାତ୍ରଙ୍କ ରଚିତ କବିତା, ଗଳ୍ପ, ନାଟକ ଆଦି ସମାଜର ହିତ ପାଇଁ ଉଦ୍ଦିଷ୍ଟ ହୋଇ ଥିବାରୁ ବିଭିନ୍ନ ଭାଷାରେ ଅନୁବାଦିତ କରିବା ପାଇଁ ତାଙ୍କୁ ପରାମର୍ଶ ଦିଆଯାଇଛି। ସୂଚନା ଥାଉକି, ଭୋଗରାଇ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ନସ୍କରପୁର ଗ୍ରାମର ଡ. ପାତ୍ରଙ୍କୁ ଗତ ବର୍ଷ ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ବିଶିଷ୍ଟ ସାରସ୍ୱତ ସାଧକ ଭାବେ ପୁରସ୍କୃତ କରାଯାଇଥିଲା। ଶିକ୍ଷକତାରୁ ଅବସର ପରେ ସେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିନା ପରିଶ୍ରମିକରେ ଶିକ୍ଷାଦାନ, ବୃକ୍ଷ ରୋପଣ, ପ୍ଲାଷ୍ଟିକ ଅପସାରଣ, କୃଷି କ୍ଷେତ୍ରର ସୁରକ୍ଷା ସହିତ ବିଭିନ୍ନ ସାମାଜିକ, ସାଂସ୍କୃତିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଛନ୍ତି।

# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା




ଚୌକି, ୩୦।୬ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ଦେଉଳା ପଞ୍ଚାୟତର ଦକ୍ଷିଣ ଦେଉଳା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ପଣ୍ଡାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିଲେ ଶିକ୍ଷକ ଅଜୟ କୁମାର ଦାସମହାପାତ୍ର। ପ୍ରଥମେ ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ଦ୍ୱାରା ବିଦାୟକାଳୀନ ସଙ୍ଗୀତ ଗାନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ସାମ୍ବାଦିକ ବନ୍ଧୁ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ମାନଙ୍କୁ ଫୁଲ ଗୁଛ ଦେଇ ସମ୍ମାନିତ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଆଞ୍ଚଳିକ ସାଧାନ କେନ୍ଦ୍ରର ସିଆର୍‌ସି ଅନିତା ଜେନା। ମୁଖ୍ୟ ବକ୍ତା ଶିକ୍ଷକ ବଂଶୀଧର ମାଝୀ। ସମ୍ମାନିତ ଅତିଥି ଅନଳିଆ ଉନ୍ନତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମଲୋଚନ ଜେନା, ଶିକ୍ଷକ ବିକ୍ରମ କେଶରୀ ଜେନା ପ୍ରମୁଖ ଯୋଗ ଦେଇ ବିଶ୍ୱନାଥ ପଣ୍ଡାଙ୍କ ପିଲାଦିନେ କିଭଳି ବିଦ୍ୟାଳୟ ମାନଙ୍କରେ ବୁଲି ବୁଲି ବହି ବିକ୍ରି କରି ଆଜି ଜଣେ ଆଦର୍ଶ ପ୍ରଧାନ ଶିକ୍ଷକ ହୋଇ ଅବସର ନେଲେ ତାହା ବଖାଣି ଥିଲେ। ବିଦ୍ୟାଳୟର ଶିକ୍ଷକ ଉତ୍ତମ ସେଠୀ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ମାଝୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଭୁରାମ ଜେନା, ଚାରୁବାଳା ଦାସ, ଜନ୍ମେଜୟ ଗିରି, ଗୌତମ ଜେନା, କବିତା ଜେନା ପ୍ରଦୀପ ଦାସ, ସୁଚିତ୍ରା ହାଁସଦା, ତ୍ରିବେଣୀ ପ୍ରାମାଣିକ, ମମତା ଜେନା, ତପନ ଜେନା, ପରମେଶ୍ୱର ଜେନା, ଅଙ୍ଗନବାଡ଼ିର ଶିକ୍ଷୟିତ୍ରୀ ସୁସ୍ମିତା ଜେନା, ଆଶା କର୍ମୀ ସାବିତ୍ରୀ ଜେନା ୱାର୍ଡ ସଦସ୍ୟା ମାଳତୀ ପାଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ପଦ୍ମଲୋଚନ ଜେନା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ପଣ୍ଡାଙ୍କୁ ମାନପତ୍ର ସହିତ ବିଭିନ୍ନ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ବିଦ୍ୟାଳୟରେ ବୃକ୍ଷରୋପଣ



ରାଜଘାଟ, ୩୦।୬ (ସମିସ): ବସ୍ତା ବ୍ଲକ ଆମ୍ବକୁଡୁଚି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ପରିବାର ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସର୍ଗ ପରିବାରର ସଭାପତି ରତିକାନ୍ତ ମିଶ୍ରଙ୍କ କହିବା ଅନୁସାରେ ଆଗକୁ ଏହିଭଳି କାର୍ଯ୍ୟକ୍ରମ ପ୍ରତି ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ ଜାରି ରହିବ। ଆଜିର ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରତିକାନ୍ତ ମିଶ୍ର, ଉପ ସଭାପତି ସୁରଜ କୁମାର ପାତ୍ର, ସମ୍ପାଦକ ସପନ କୁମାର ରାଉତ, ମିଡ଼ିଆ କୋର୍ଡିନେଟର ଚନ୍ଦନ ମହାପାତ୍ର, କୋଷାଧକ୍ଷ ସଞ୍ଜିତ ସାହୁ, ସଦସ୍ୟ ଖଗେନ୍ଦ୍ର ବେହେରା, ବିବେକ କୁମାର ଭଞ୍ଜ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ତପନ ଗିରି, ଗତିକୃଷ୍ଣ ଆଚାର୍ଯ୍ୟ, ବିଜୟକୁମାର ବାରିକ୍, ମନୋଜ ବେହେରା, ଦିନେଶ ଜେନା, ଜୟଦେବ ରାଉତ, ବିକାଶ ରାଉତ, ଶିକ୍ଷକ ଚନ୍ଦନ ଖିଲାର, ସନ୍ତୋଷ ବାରିକ୍, ପଦ୍ମନାଭ ବେହେରା, ଜଳଧର ଜେନା ଉପସ୍ଥିତ ଥିଲେ।

# ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ସାରସ୍ୱତ ସୃଷ୍ଟି ଉପରେ ଆଲୋଚନା

ନୀଳଗିରି, ୩୦।୬(ସମିସ):

ନୀଳଗିରି ଉପଖଣ୍ଡ ମିତ୍ରପୁର ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ପ୍ରତ୍ୟେହ ସାପ୍ତାହିକ ଓଡ଼ିଆ ଉପନ୍ୟାସରେ ଓଡ଼ିଆ ଜନଜୀବନ ଓ ଓଡ଼ିଆ ଅସ୍ମିତା ବନାମ ଔପନ୍ୟାସିକ ଶୀର୍ଷକ ଆଲୋଚନାଚକ୍ରରେ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ସାରସ୍ୱତ ସୃଷ୍ଟି ଉପରେ ଏକ ପୁଙ୍ଖାନୁପୁଙ୍ଖ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ତଥା ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପରିଚାଳନାରେ ସିଦ୍ଧାର୍ଥଭକ୍ତି ଚାନେଲର କଣ୍ଠଶିଳ୍ପୀ ଶ୍ରୀମାନ ସତ୍ୟବ୍ରତ ଜେନା ଉପସ୍ଥିତ ଶ୍ରୋତାଙ୍କ ଉଦ୍ଦେଶ୍ୟରେ ଏକ ଭକ୍ତିପୂର୍ଣ୍ଣ ଭଜନ ପରିବେଷଣ କରିଥିଲେ। ଆଲୋଚକ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ପ୍ରମୁଖ ପ୍ରଫେସର ଦେବାଶିଷ ପାତ୍ର ଓଡ଼ିଆ ଅସ୍ମିତା ଓ ଗୋପୀନାଥ ମହାନ୍ତିଙ୍କୁ ଏକ ମାର୍ମିକ ଆଲୋଚନା ବ୍ୟକ୍ତ କରିଥିଲେ। ଭାଷାର ଶ୍ରେଷ୍ଠତ୍ୱ, ସଂସ୍କୃତିର ଶ୍ରେଷ୍ଠତ୍ୱ, ଧାର୍ମିକ ଶ୍ରେଷ୍ଠତ୍ୱ ଓ ସାହିତ୍ୟର ଶ୍ରେଷ୍ଠତ୍ୱ ଭିତରେ ଓଡ଼ିଆ ଅସ୍ମିତା ଲୁଚିରହିଛି ବୋଲି ପ୍ରକାଶ କରିଥିଲେ। ଏତଦ୍‌ବ୍ୟତୀତ ଗୋପୀନାଥ ମହାନ୍ତିଙ୍କ ପରଜା, ଦାଦିବୁଢ଼ା, ହରିଜନ, ଦାନାପାଣି ଉପନ୍ୟାସକୁ ଦାର୍ଶନିକ ଦୃଷ୍ଟିକୋଣରୁ ମତମନ୍ତବ୍ୟ ପ୍ରକାଶ କରିଥିଲେ। ସହ ଆଲୋଚକ ଭାବରେ ଜନତା ଡ଼ିଗ୍ରୀ ମହାବିଦ୍ୟାଳୟ, କୁହୁଡି, ଖୋର୍ଦ୍ଧାର ପ୍ରାକ୍ତନ ପ୍ରାଧ୍ୟାପକ ତଥା ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା ଡ. ଚନ୍ଦ୍ରଶେଖର ଦାଶ, ଗୋପୀନାଥ ମହାନ୍ତିଙ୍କ ଶିବଭାଇ ଗଳି, ଅମୃତ ସନ୍ତାନ, ରାହୁର ଛାୟା, ମାଟି ମଟାଳ, ଅପହଞ୍ଚ ଆଦି ଉପନ୍ୟାସକୁ ଟିକନିକ୍ ଆଲୋଚନା ବ୍ୟକ୍ତ କରିଥିଲେ। ଅତିଥି ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କୁମାରବର ଦାସ ନିଜ ବକ୍ତବ୍ୟରେ ଏପରି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିରେ ସାରା ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟର ଗବେଷକ, ଛାତ୍ରଛାତ୍ରୀ ତଥା ଓଡ଼ିଶା ବାହାରେ ଶାନ୍ତି ନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଗବେଷକ ଓ ଓଡ଼ିଶାର ବହୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ବି. ବି. ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ଜୟଶ୍ରୀ ଦାଶ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଶତାଧିକ ଶ୍ରୋତା ଯୋଗଦାନ କରିଥିଲେ। ଆସନ୍ତା ସପ୍ତାହରେ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ଉପନ୍ୟାସର ଦିଗଦିଗନ୍ତ ଆଲୋଚନା ହେବ ବୋଲି ସମ୍ପାଦକ ଡ. ମିଶ୍ର ପ୍ରକାଶ କରିଛନ୍ତି।

## ବିଦ୍ୟାର୍ଥୀ ବିକାଶ ମଞ୍ଚର ଦାବି

# ଭଦ୍ରକରେ ହେଉ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ

ଭଦ୍ରକ, ୩୦।୬(ସମିସ):



ଭଦ୍ରକ ଜିଲ୍ଲାରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଦ୍ୟାର୍ଥୀ ବିକାଶ ମଞ୍ଚ ପକ୍ଷରୁ ଶନିବାର ଭଦ୍ରକ ସହର ଜାନୁଗଞ୍ଜ ଦିବ୍ୟମ୍ ହଲ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଦାବି ଉପସ୍ଥାପନ କରାଯାଇଛି। ଦାବି ହାସଲ ପାଇଁ ଭଦ୍ରକ, ଭୁବନେଶ୍ୱର ଓ ଦିଲ୍ଲୀରେ ତ୍ରିସ୍ତରୀୟ ଟିମ୍ ଗଠନ କରାଯାଇ ଦାବିକୁ ଜୋରଦାର କରାଯିବ। ଏଥିସହିତ ଆଗାମୀ ୧ମାସ ମଧ୍ୟରେ ଏ ପ୍ରସଙ୍ଗରେ ମଞ୍ଚ ତରଫରୁ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର ବୈଠକ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ ଏହି ଦାବି ଜୋରଦାର କରାଯିବ ବୋଲି ମଞ୍ଚ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ କହିଛନ୍ତି।

୨୦୨୩ ମେ' ୨୧ରେ ଭଦ୍ରକ ଟାଉନହଲ୍‌ରେ ବିଦ୍ୟାର୍ଥୀ ବିକାଶ ମଞ୍ଚର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ସୂରଜ ସୂର୍ଯ୍ୟବଂଶୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିକୁ ସମର୍ଥନ କରି ବିଧାନସଭା ବାହାରେ ଓ ଭିତରେ ଏହି ଦାବି ଉଠାଇବେ ବୋଲି କହିଥିଲେ। ଏପରିକି ଆବଶ୍ୟକ ପଡ଼ିଲେ ବିଧାନସଭା ଆଗରେ ଆତ୍ମହୁତି ଦେବା ପାଇଁ ପଛାଇବେ ନାହିଁ ବୋଲି କହିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ମଧ୍ୟ ଏହି ଦାବି ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଏଥର ନିର୍ବାଚନରେ ଚାନ୍ଦବାଲି ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓଡ଼ିଶାରେ ବିଜେପି ସରକାର ଆସିଲେ ୬ମାସ ମଧ୍ୟରେ ଭଦ୍ରକର ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ବର୍ତ୍ତମାନ ସୂର୍ଯ୍ୟବଂଶୀ ଉଚ୍ଚଶିକ୍ଷାମନ୍ତ୍ରୀ ହୋଇଛନ୍ତି। ରାଜ୍ୟରେ ବି ବିଜେପି ସରକାର ହୋଇଛି। ତେଣୁ ସରକାର ତାଙ୍କ ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି ବିଧାର୍ଥୀ ବିକାଶ ମଞ୍ଚ ଦାବି କରିଛି। ଡ. ହରେକୃଷ୍ଣ ମହତାବଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଭଦ୍ରକରେ ପଲ୍ଲୀଭାରତୀ ନାମକ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଉ। ଭଦ୍ରକ ଓ ଯାଜପୁର ଜିଲାର ସମସ୍ତ କଲେଜ ଏବଂ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ସବଡିଭିଜନ ଓ ବାଲେଶ୍ୱର ଜିଲ୍ଲାର ସିମୁଳିଆ ଓ ଖଇରା ବ୍ଲକର ସମସ୍ତ କଲେଜକୁ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ରହିବା ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇ ଯାଇଛି। ଏହା ବ୍ୟତୀତ ଭଦ୍ରକ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ପଦ ଦୀର୍ଘଦିନ ଧରି ଫାଙ୍କା ପଡ଼ିଥିବାରୁ ଏହି ପଦ ସହ ସମସ୍ତ ଅଧ୍ୟାପକ ପଦବୀ ପୂରଣ ଲାଗି ଦାବି କରାଯାଇଥିଲା। ମଞ୍ଚର ମୁଖ୍ୟ ଉପଦେଷ୍ଟା ଦେବେନ୍ଦ୍ର ନାଥ ରାଉତ, ପ୍ରଫେସର ବ୍ରଜମୋହନ ମିଶ୍ର, ଶିକ୍ଷାବିତ ଶୈଳେନ୍ଦ୍ର ମହାପାତ୍ର, ରାଧାରାଣୀ ମହାପାତ୍ର, ରୋଟାରିଆନ୍ ଅଭିଜିତ୍ ନାୟକ, ସଂଗ୍ରାମ କେଶରୀ ମହାନ୍ତି, ଅନିମା ନାୟକ, ଶିକ୍ଷାବିତ କମଳାକାନ୍ତ ସ୍ୱାଇଁ, ଭାଗବତ ତ୍ରିପାଠୀ, ପ୍ରାଧ୍ୟାପକ ଗୋଲକବିହାରୀ ସାହୁ, ଶିକ୍ଷାବିତ ଡ. ଲକ୍ଷ୍ମୀଧର ରାଉତ, ଶିକ୍ଷୟିତ୍ରୀ ଗୀତାରାଣୀ ଆଇଚ, ପ୍ରାକ୍ତନ ପ୍ରଧାନଶିକ୍ଷକ ଶାନ୍ତନୁ କୁମାର ରାଉତ, ପ୍ରମୋଦ ମହାରଣା, ପ୍ରାକ୍ତନ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଗିରିଧାରୀ ପାତ୍ର, ଉଦ୍ୟାନବିତ୍ ବିଚିତ୍ରାନନ୍ଦ ମହାନ୍ତି, ଶ୍ରୀହର୍ଷ ସ୍ୱାଇଁ, ସମାଜସେବୀ ଅନିଲ ଦେ ପ୍ରମୁଖ ସମ୍ମିଳନୀରେ ଦାବି ଉଠାଇଥିଲେ। ଅପରାହ୍ଣରେ ମଞ୍ଚ ପକ୍ଷରୁ ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଏକ ସ୍ମାରକପତ୍ର ଭଦ୍ରକ ସାଂସଦ ଓ ବିଧାୟକଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରତିଶ୍ରୁତି ଦେଇଥିବା କେନ୍ଦ୍ରଗୃହମନ୍ତ୍ରୀ, ରାଜ୍ୟପାଳ ଓ ରାଜ୍ୟ ଉଚ୍ଚ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

## ରବର୍ଟ ହାଇସ୍କୁଲରେ ପାଠକୀୟ ଅଭିଯାନ

ବାସୁଦେବପୁର, ୩୦।୬(ସମିସ): ବାସୁଦେବପୁର ବ୍ଲକର ଅରଣ୍ଡୁଆ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ରବର୍ଟ ହାଇସ୍କୁଲରେ ଆଜି ବାଇଚଢେଇ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ପାଠକୀୟ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଲୋକନାଥ ପାଠାଗାର ପକ୍ଷରୁ ଏହି ଭ୍ରାମ୍ୟମାଣ ପାଠକୀୟ ଅଭିଯାନରେ ସାହିତ୍ୟ ଅନୁଷ୍ଠାନ ବାଇଚଢେଇର ସଭାପତି ତଥା ଶିକ୍ଷାବିତ ସୁଦର୍ଶନ ଅଗସ୍ତିଙ୍କ ପୌରୋହିତ୍ୟରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ଡିଜିଟାଲ ଯୁଗ ସମୟରେ ଅନେକ ମେଧା ଛାତ୍ରଛାତ୍ରୀ ମୋବାଇଲ ମାୟାରେ ପଡ଼ି ଅକାରଣରେ ନିଜର ଅସ୍ତିତ୍ୱ ହରାଇ ବସୁଛନ୍ତି। ଏଣୁ ସଭିଏଁ ମୋବାଇଲ ଛାଡି ପାଠ ପଢ଼ାରେ ମନନିବେଶ କରିବା। ଆଉ ଭଲ ବହୁ ପଢ଼ି ଆମେ ଆମର ଭଲ ଭବିଷ୍ୟତ ଗଠନ କରିବା ପାଇଁ ଏକାଗ୍ରତା ରଖିବା ବୋଲି ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟିର ପୂର୍ବତନ ସଭାପତି କରୁଣାକର ପଣ୍ଡା, ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ବାରିକ, ସହକାରୀ ଶିକ୍ଷକ ଭଗବାନ ପଣ୍ଡା, ସଂଗ୍ରାହକ ତଥା କବି ବିକାଶ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ପିଲାମାନେ ପାଠ ପଢ଼ିବା ସହିତ ଅବସର ସମୟରେ ମହାପୁରୁଷମାନଙ୍କ ସମ୍ପର୍କିତ ତଥା ବିଭିନ୍ନ ଗଳ୍ପ ବହି ପଢ଼ିବା ଅଭ୍ୟାସ ରଖିବା ବୋଲି ମାର୍ଗଦର୍ଶନ କରିଥିଲେ। ଏଥିସହିତ କବି ଶ୍ରୀ ଶତପଥି ଏହି କାର୍ଯ୍ୟକ୍ରମ ଜରିଆରେ ଦୁର୍ଲ୍ଲଭ ତାଳପତ୍ର ପୋଥି ସହିତ ଅନେକ ଦେଶର ମୁଦ୍ରା, ବହୁ ପୁରୁଣା ଡାକ ଟିକେଟ ଆଦି ସଂଗ୍ରହ କରି ରଖିଥିବା ଅନେକ ସାମଗ୍ରୀ ପିଲାମାନଙ୍କୁ ପ୍ରଦର୍ଶନ କରିବା ସହିତ ପ୍ରଚୀନ ସଭ୍ୟତାକୁ ମନେ ପକାଇଥିଲେ। ତା'ସହିତ ପିଲାମାନଙ୍କୁ ପାଠାଗାର ପକ୍ଷରୁ ନିଶୁଳ୍କ ମନଛୁଆଁ କାହାଣୀ, ପୁରାଣ କଥା, ବିଜ୍ଞାନ କାହାଣୀ ଆଦି ପୁସ୍ତକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## 'ବିବିଧ ବୀକ୍ଷା' ଓ 'ଛାଇ ଲେଉଟାଣି' ପାଠକାର୍ପିତ



ଭଦ୍ରକ, ୩୦।୬(ସମିସ): ଆଜି ଅପରାହ୍ଣରେ ଭଦ୍ରକ ସଂସ୍କୃତି ଭବନ ଠାରେ ଡ. ବଳରାମ ମିଶ୍ରଙ୍କର କବିତା ସଂକଳନ 'ଛାଇ ଲେଉଟାଣି' ଓ ପ୍ରବନ୍ଧ ପୁସ୍ତକ 'ବିବିଧ ବୀକ୍ଷା' ର ପାଠକାର୍ପଣ ପର୍ବ କବି ଡାକ୍ତର ଦୁର୍ଯ୍ୟୋଧନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଘନଶ୍ୟାମ ଲେଙ୍କାଙ୍କ ଦ୍ୱାରା ବେଦ ଉଚ୍ଚାରଣ ସହ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ କଥାକାର ଡ. ରାଧାବିନୋଦ ନାୟକ ସଭା ଉଦ୍‌ଘାଟନ କରିଥିଲେ। ସଭାର ପ୍ରାରମ୍ଭରେ ଦିବଂଗତ କବି ଓ ସମାଜସେବୀ ଶାନ୍ତିଲତା ନାଗଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲେ। ସାହିତ୍ୟ ସଂସ୍କୃତି ପରିଷଦ ଭଦ୍ରକ ଓ ରାମେଶ୍ୱର ସାହିତ୍ୟ ସଂସଦ, ରାନ୍ଧିଆର ସହଯୋଗିତାରେ ଆୟୋଜିତ ଏହି ଉତ୍ସବରେ ସାହିତ୍ୟ ଗବେଷଣା ଓ ସମାଲୋଚନାର ପତ୍ରିକା 'ଆକଳନ'ର ସମ୍ପାଦକ ତଥା କବି ଡ. ଶଶଧର ଦାସ ଏବଂ କଥାକାର ପବିତ୍ର ପାଣିଗ୍ରାହୀ ବରେଣ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ପାଠକ ଭାବରେ ଭଦ୍ରକର ଗୋଇନ୍ଦା ବିଭାଗ ଉପ-ଆରକ୍ଷୀ ଅଧିକ୍ଷକ ପ୍ରଭାତ କୁମାର ବିଶ୍ୱାଳ ଯୋଗଦେଇ ସତ୍ ପାଠକର ସତ୍ୟପାଠ କରିଥିଲେ। ପ୍ରତିଭା ବରଣ କ୍ରମରେ ଭଦ୍ରକର ବିଶିଷ୍ଟ ତବଲା ବାଦକ ତଥା ସାହିତ୍ୟିକ ମୋହିନୀ ମୋହନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରି ସମ୍ମାନ ଫଳକ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି ସଭାରେ ଗୋବର୍ଦ୍ଧନ ସାମଲ୍ ସ୍ୱାଗତ ଭାଷଣ ଦେଇଥିବାବେଳେ କବି କିଶୋର ପାଣିଗ୍ରାହୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଡ. ଶଶଧର ଦାସ ଅନୁଷ୍ଠାନ ତରଫରୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରୋଟାରିଆନ୍ ଶାନ୍ତି ସ୍ୱରୂପ ମିଶ୍ର 'ଆତ୍ମଜଙ୍କ ଅଭିବ୍ୟକ୍ତି' ଉପସ୍ଥାପିତ କରିଥିଲେ। ରାମେଶ୍ୱର ସାହିତ୍ୟ ସଂସଦ ରାନ୍ଧିଆର ସଭାପତି ଚିତ୍ତରଞ୍ଜନ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ସୁଷମା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ପ୍ରିୟଦର୍ଶୀ ମିଶ୍ର, ଆନନ୍ଦୀ ମିଶ୍ର, ଆରାଧ୍ୟା ମିଶ୍ର ପ୍ରବେଶ ମିଶ୍ର, ସପନ କୁମାର ଚାଟାର୍ଜୀ, ସଂଗ୍ରାମ କେଶରୀ ସେନାପତି, ଗୌତମ ମହାରଣା ଏବଂ ଅନ୍ୟମାନେ କାରଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱ ସଂସ୍କୃତି ସୁରକ୍ଷା ସଂସ୍ଥାନରେ ବିଧାୟକଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ, ୩୦।୬(ସମିସ): ମା' ଜଗଦ୍ଧାତ୍ରୀ ବିଶ୍ୱ ସଂସ୍କୃତି ସୁରକ୍ଷା ସଂସ୍ଥାନ ତରଫରୁ ନିର୍ବାଚିତ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ସହ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି। ଟ୍ରଷ୍ଟର ପ୍ରତିଷ୍ଠାତା ଟ୍ରଷ୍ଟି ପଣ୍ଡିତ ସଞ୍ଜୟ ପାଢ଼ୀଶର୍ମା ବିଧାୟକଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ମନ୍ତ୍ରୋଚ୍ଚାରଣ ପୂର୍ବକ ଆଶିର୍ବାଦ କରିବା ସହ ମା'ଜଗଦ୍ଧାତ୍ରୀ ଅନୁଷ୍ଠାନର କାର୍ଯ୍ୟ ସମ୍ପର୍କରେ ବିଶଦ ଆଲୋକପାତ କରିଥିଲେ। ଏଥିସହ ଅନୁଷ୍ଠାନର ଭବିଷ୍ୟତ କଳେବରର ବିକାଶ ନିମନ୍ତେ ବିଧାୟକଙ୍କର ସହାୟତା କାମନା କରିଥିଲେ। ତତ୍ ସହିତ ଟ୍ରଷ୍ଟର ସାଂସ୍କୃତିକ ସମ୍ପାଦିକା କୁମାରୀ ପ୍ରମୋଦିନୀ ପାଢ଼ୀ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିବା ସ୍ଥଳେ ଉପସ୍ଥିତ ଥିବା ମା' ଜଗଦ୍ଧାତ୍ରୀ ଯଜ୍ଞ ଓ ପୂଜା କମିଟିର ଉପସଭାପତି ପ୍ରଭାକର ମହାନ୍ତି, ସଂଗଠନ ସମ୍ପାଦକ ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା, ସାଂସ୍କୃତିକ ଉପ ସମ୍ପାଦକ କୈସ୍ତୁଭ ରଞ୍ଜନ ପଣ୍ଡା, ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ହୋତା, ଦୁଃଶାସନ ମହାନ୍ତି, ଆଇନ ପରାମର୍ଶଦାତା-ଆଇନଜୀବୀ ବନମାଳୀ ଜେନା, ରଶ୍ମିକାନ୍ତ ଧଳ, ପୂର୍ଣଚନ୍ଦ୍ର ରାଉତ, କାନନ କୁମାର ପାଣୀ, ବାର୍ଷିକ ପଞ୍ଚଦିବସାତ୍ମକ ବିଶ୍ୱ ଶାନ୍ତି ଦେବୀ ମହାଯଜ୍ଞ ର ମୁଖ୍ୟକର୍ତା ଅନାଦି ମହାକୁଡ଼ ଓ ଭଦ୍ରକର ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ସମିତି ସମ୍ପାଦକ ଶରତ ପଢ଼ିଆରୀ ଉପସ୍ଥିତ ରହିଥିବା ସ୍ଥଳେ ଅନ୍ୟ ସଦସ୍ୟ ସଦସ୍ୟା ବୃନ୍ଦ ଉପସ୍ଥିତ ରହି ମା' ଜଗଦ୍ଧାତ୍ରୀ ମନ୍ଦିରର ଉନ୍ନତି କଳ୍ପେ ଆପତି କରିଥିଲେ।

## ଶୋଇବା ଘରେ ତାଲା ପକାଇବା ନେଇ ମାମଲା

ଭଣ୍ଡାରୀପୋଖରୀ, ୩୦।୬(ସମିସ): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ଥଇଲା ଗ୍ରାମର ପାରିବାରିକ ବିବାଦରୁ ମାମଲା ରୁଜୁ ହୋଇଛି। ବୋହୂ ଶୁଭଲକ୍ଷ୍ମୀ ଦାସଙ୍କ ଅଭିଯୋଗ ଅନୁଯାଇ ଗତ ୧୩ ତାରିଖରେ ଘର ବାରଣ୍ଡାରେ ୩ ବସ୍ତା ଧାନ ରଖି ସ୍ୱାମୀ ଭାସ୍କରଙ୍କ ସହ ଯାଜପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। ଘରକୁ ଫେରି ବାରଣ୍ଡାରେ ଧାନ ନଥିବା ଦେଖି ଯାଆ ଗୀତାଞ୍ଜଳିକୁ ଧାନ ସମ୍ପର୍କରେ ପଚାରିଥିଲେ। ପରିବାର ଲୋକେ ମନା କରିଥିଲେ। ଶୁଭଲକ୍ଷ୍ମୀ ଅନ୍ୟତ୍ର ପାଲ ଘୋଡାଇ ରଖାଯାଇଥିବା ୩ ବସ୍ତା ଧାନକୁ ଶାଶୂ ଓ ଶ୍ୱଶୁର ଉପସ୍ଥିତିରେ ଆଣିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶ୍ୱଶୁର ଖଗେଶ୍ୱର ଓ ଶାଶୂ ଜାନକୀ ପୁଅ ଭାସ୍କର ଶୋଇବା ଘରେ ତାଲା ପକାଇ ଦେଇଥିଲେ। ଶୁଭଲକ୍ଷ୍ମୀ ଏ ସମ୍ପର୍କରେ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୁଲିସ ଘର ଚାବି ଖୋଲିବା ପାଇଁ ଶ୍ୱଶୁରଙ୍କୁ ତାଗିଦ କରିଥିଲେ। ଗ୍ରାମର ଭଦ୍ରଲୋକ ଘଟଣା ସମାଧାନ ପାଇଁ ଉଦ୍ୟମ କରିଥିଲେ। ମାତ୍ର ଖଗେଶ୍ୱରଙ୍କ ସମେତ ଅନ୍ୟ ୨ ପୁଅ ଶଶିଧର ଓ ଗୌରାଙ୍ଗ ମିଳିତ ଭାବେ ଭାସ୍କର ଓ ପତ୍ନୀ ଶୁଭଲକ୍ଷ୍ମୀଙ୍କୁ ଗାଳିଗୁଲଜ କରି ଚାବି ଖୋଲିବେ ନାହିଁ ବୋଲି ରୋକଠୋକ କହିଥିଲେ। ଏଥିନେଇ ଶୁଭଲକ୍ଷ୍ମୀ ଘର ବନ୍ଦ ଥିବାରୁ ୩ ପ୍ରାଣୀ ଭୋକ ଉପାସରେ ରହିଛନ୍ତି ବୋଲି ଫାଣ୍ଡିରେ ସାନି ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ୨୯୧/୨୪ ନଂ ମାମଲା ରୁଜୁ ହୋଇଛି।

## ଭାଉଜ ଅଭିଯୋଗରେ ଦିଅର ନାମରେ ମାମଲା ରୁଜୁ

ଭଣ୍ଡାରୀପୋଖରୀ, ୩୦।୬(ସମିସ): ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ପାଟୁଳି ଗ୍ରାମର ଗୌରୀରାଣୀ ଦାସଙ୍କ ଅଭିଯୋଗ କ୍ରମେ ଥାନାରେ ଦିଅର ତ୍ରୈଲୋକ୍ୟ ନାମରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗତ ୨୫ ତାରିଖ ରାତ୍ରରେ ଗୌରୀରାଣୀ ଝିଅ ସହ ଘରେ ଶୋଇଥିଲେ। ରାତ୍ର ସାଢେ ୧୨ଟାରେ ଶୌଚ ପାଇଁ ବାହାରକୁ ଆସିବା ବେଳେ ଦିଅର ତ୍ରୈଲୋକ୍ୟ ଝରକା ପାଖରେ ଛିଡା ହୋଇଥିବାର ଦେଖିଥିଲେ। ଗୌରୀରାଣୀଙ୍କୁ ଦେଖି ତ୍ରୈଲୋକ୍ୟ ଦୌଡି ପଳାଇଥିଲେ। ଏହି ସମୟରେ ବାହାରକୁ ଶୌଚ ପାଇଁ ଉଠିଥିବା ଜନୈକ ଗ୍ରାମବାସୀ ଟର୍ଚ୍ଚ ପକାଇ ତ୍ରୈଲୋକ୍ୟକୁ ଅଟକିବା ପାଇଁ କହିଥିଲେ। ପରଦିନ ତ୍ରୈଲୋକ୍ୟ ଗୌରୀ ଝରକା ବାଟେ ଭଙ୍ଗା କାଚ ଆଦି ପକାଇଥିଲେ। ଅଭିଯୋଗ ଅନୁଯାଇ ଥାନାରେ ଗତ ଶନିବାର ୨୯୨/୨୪ ନମ୍ବର ମାମଲା ତ୍ରୈଲୋକ୍ୟ ନାମରେ ରୁଜୁ ହୋଇଛି।

## ଯୁବତୀଙ୍କ ଆତ୍ମହତ୍ୟା ଅଭିଯୋଗ

ଭଦ୍ରକ, ୩୦।୬(ସମିସ):ଧାମରା ଥାନା ଅର୍ନ୍ତଗତ ଧାମରା ଗ୍ରାମରେ ଜଣେ ଯୁବତୀ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁଙ୍କ ନିକଟରୁ ପ୍ରକାଶ ଧାମରା ଗ୍ରାମରା ସୀମା ଲେଙ୍କା(୧୮) ଆଜି ସକାଳ ସମୟରେ ନିଜ ଭଡ଼ା ଘରେ ଫାଶି ଦେଇ ଆତ୍ମହତ୍ୟା କରିଥିଲା। ଘରେ ନିଜର ବିଧବା ମା' ଅନ୍ୟଘରେ ପାଇଟି କରିବାକୁ ଯାଇଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଆସି ନିଜର ଏକମାତ୍ର କନ୍ୟାର ଏହି ଅବସ୍ଥା ଦେଖି ସଂଜ୍ଞାହୀନ ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକେ ଧାମରା ଥାନାରେ ଖବର ଦେବାପରେ ପୁଲିସ ଆସି ଶବକୁ ଜବତ କରି ପୋଷ୍ଟମର୍ଟମ ପାଇଁ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ବେଳେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

## ପୋଖରୀରେ ବିଷ ମାରିବା ଘଟଣାର ତଦନ୍ତ

ବାରିକପୁର, ୩୦।୬(ସମିସ): ଭଣ୍ଡାରିପୋଖରୀ ଥାନା ମାଳଦା ପଞ୍ଚାୟତ ଜଳହରି ଗ୍ରାମର ଜନୈକ ମାଛଚାଷୀଙ୍କ ପୋଖରୀରେ ଗତ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ବିଷ ଢାଳି ଦେଇଥିଲା। ଗ୍ରାମର ଅନନ୍ତ ସାମଲ ଚାରିଗୋଟି ପୋଖରୀରେ ମାଛ ଚାଷ କରିଥିବା ବେଳେ ସେଥିମଧ୍ୟରୁ ଗୋଟିଏ ପୋଖରୀରେ କେହି ଇର୍ଷା ପରାୟଣ ହୋଇ ବିଷ ମାରିଥିବା ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଆଜି ପୁଲିସ ପକ୍ଷରୁ ଥାନା କର୍ମଚାରୀ କ୍ଷେତ୍ରକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ପୋଖରୀରେ ବିଷ ମାରିବା କାରଣରୁ ଛୋଟ ଛୋଟ ରୋହି, ମିର, ଭାକୁର ମରି ନଷ୍ଟ ହୋଇଯାଇଛି। ଆନୁମାନିକ ପ୍ରାୟ ୫୦ କେଜି ଜାଆଁଳ ମାଛ ସମ୍ପୂର୍ଣ୍ଣ ମରି ଯାଇଥିବା ବେଳେ ଚାଷ ପାଇଁ ପ୍ରାୟ ୩୦ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଚାଷୀ ଜଣକ ଜଣାଇଛନ୍ତି। ଏ ସମ୍ପର୍କରେ ସେ ମଧ୍ୟ ମତ୍ସ୍ୟ ବିଭାଗ ନିକଟରେ ଲିଖିତ ଭାବେ ଜଣାଇଛନ୍ତି।

## ଶିକ୍ଷାବିତଙ୍କ ଶ୍ରାଦ୍ଧବାର୍ଷିକରେ ସ୍ମରଣିକା ଉନ୍ମୋଚନ



ଭଦ୍ରକ, ୩୦।୬(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅଧୀନ ଗୋପିନାଥପୁର ପଞ୍ଚାୟତ ହଳଦିଆ ଗାଁର ପୂର୍ବତନ ପ୍ରଧାନଶିକ୍ଷକ ତଥା ସମାଜସେବୀ ବୈରାଗୀ ଚରଣ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ହୋଇଥିବା ଶ୍ରଦ୍ଧାଞ୍ଜଳି ସଭାରେ ନରେନ୍ଦ୍ରପୁର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶୀତଳ ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଇଂ. ଅଭୟ ସୂତାର, ମୁଖ୍ୟବକ୍ତା ଭାବେ ଗିରିଧାରୀ ନାଥ, ସମ୍ମାନୀତ ଅତିଥି ଭାବେ ସମାଜସେବୀ ଧିରେନ୍ଦ୍ର କୁମାର ବେହେରା, ଅଧ୍ୟାପିକା ସଂଯୁକ୍ତା ଭାରତୀ, ଶିକ୍ଷକ ନେତା ପ୍ରଭାକର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମଞ୍ଚାସୀନ ଅତିଥି ମାନେ ସ୍ୱର୍ଗତ ବୈରାଗୀ ଚରଣ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ସାହୁ, ଗୋପିନାଥପୁର ସରପଞ୍ଚ ବାପୁନ ବାରିକ, ବିବିସି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗଗନ ବିହାରୀ ସାହୁ, ଗୋବିନ୍ଦ ପରିଡ଼ା, ଅଭୟ ଦାସ, ପ୍ରେମାନନ୍ଦ ପରିଡ଼ା, ଘଣ୍ଟେଶ୍ୱର +୨ ବିଦ୍ୟାଳୟର ପ୍ରିନ୍ସପାଲ ଗୋପାଳ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଅଞ୍ଚଳର ବହୁ ସାହିତ୍ୟିକ ମାନଙ୍କ ଦ୍ୱାରା ପ୍ରକାଶିତ ସ୍ମରଣିକା 'ସ୍ମୃତିରେ ବୈରାଗୀ ସାର' ଉନ୍ମୋଚିତ ହୋଇଥିଲା। ପୁରୁଷୋତ୍ତମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୀମା ଅତିକ୍ରମ କରି ବାଲି ଉତ୍ତୋଳନ ଅଭିଯୋଗ



ବାରିକପୁର, ୩୦।୬(ସମିସ): ଭଣ୍ଡାରିପୋଖରୀ ତହସିଲ ଅଧୀନ ବୈତରଣୀ ନଦୀର ବାଲିପୋଖରୀ ନିକଟ ଜଗନ୍ନାଥପ୍ରସାଦ ସୈରାତରୁ ବେଆଇନ ବାଲି ଉତୋଳନ ହେଉଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ସୈରାତ ଲିଜଧାରୀ ମାନଙ୍କୁ ବାଲି ଉତୋଳନ ପାଇଁ ଯେଉଁ ସୀମା ଚିହ୍ନଟ ଦିଆଯାଇଛି ତାହାକୁ ଫାଙ୍କି ସେମାନେ ବେଆଇନ ଚାଲାଣ କରୁଛନ୍ତି। ଲିଜଧାରୀ ମାନେ ଯାଜପୁର ପଟରୁ ଅଧିକ ବାଲି ଉତୋଳନ ପାଇଁ ସ୍ୱୀକୃତି ପାଇଥିବା ବେଳେ ସେମାନେ ଏବେ ସୀମା ଅତିକ୍ରମ କରିଥିବା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଗନ ବିହାରୀ ସେଠୀ ଅଭିଯୋଗ କରିଛନ୍ତି। ନୀଲାମଧାରୀ ମାନେ ଅପରପାର୍ଶ୍ୱରୁ ବାଲି ଖୋଳି ନେବାପରେ ଏବେ ବୈତରଣୀ ବାମ ପାର୍ଶ୍ୱ ବନ୍ଧ ନିକଟରୁ ମଧ୍ୟ ବାଲି ଉତ୍ତୋଳନ କରୁଛନ୍ତି। ଯାହାକି ସରକାରୀ ଭାବେ ଚିହ୍ନଟ ସ୍ଥାନ ନୁହେଁ। ଏଭଳି ବେଆଇନ ବାଲି ଚାଲାଣ ଯୋଗୁ ବୈତରଣୀ ନଦୀବନ୍ଧ ଏବେ ବିପଦ ଆଡକୁ ଟାଣି ହେଇଯାଉଛି। ବିଶେଷ କରି ଜଗନ୍ନାଥପ୍ରସାଦ ଠାରୁ ବାଲିପୋଖରୀ ଏସକେପ ଯାଏଁ ପ୍ରାୟ ୩୦୦ମିଟର ନଦୀବନ୍ଧ ଏବେ ବିପଦ ଆଡକୁ ଅଗ୍ରସର ହେଉଛି। ତ୍ରୁଟିପୂର୍ଣ୍ଣ ବାଲି ଉତ୍ତୋଳନ ଯୋଗୁ ନଦୀପଠାରୁ ଅତଡ଼ା ଖସୁଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଏହା ଉପରେ ଦୃଷ୍ଟି ଦେଉନଥିବାରୁ ଶ୍ରୀ ସେଠୀ ଏନେଇ ଉଦବେଗ ପ୍ରକାଶ କରିଛନ୍ତି। ବେଆଇନ ଉତୋଳନ ବାବଦରେ ସେ ତହସିଲଦାରଙ୍କୁ ଅଭିଯୋଗ କରିବା ସହିତ ଏହାର ଏକକିତା ନକଲ ଜିଲ୍ଲାପାଳ, ଉପଜିଲ୍ଲାପାଳ, ରାଜସ୍ୱ ମନ୍ତ୍ରୀ, ରାଜସ୍ୱ ସଚିବ ଓ ଖଣିନିଗମ ଅଧିକାରୀଙ୍କୁ ଡାକଯୋଗେ ପ୍ରେରଣ କରିଥିବା ଜଣାଯାଇଛି।

## ରାସ୍ତା ମରାମତି ଦାବି

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଫାଟି ଦୁଇଫାଳ

ବାରିକପୁର, ୩୦।୬(ସମିସ):



ଭଣ୍ଡାରିପୋଖରୀ ବ୍ଲକ ତାଳପଦା ଭାୟା ନେନ୍ତିପୁର କୁରିକଣାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାଟିର ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୫-୧-୨୧ ମସିହାରେ ରାସ୍ତା ନବୀକରଣ କାର୍ଯ୍ୟ ହୋଇଥିବା ବେଳେ ୪-୯-୨୨ରେ ଏହା ଶେଷ ହୋଇଥିଲା। କାମ ଶେଷ ତାରିଖ ଠାରୁ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ୨୦୨୭ ମସିହା ଯାଏଁ ସମୟ ଧାର୍ଯ୍ୟ ହୋଇଛି। ବିଭିନ୍ନ ପର୍ଯ୍ୟାୟରେ ବର୍ଷକୁ ଦୁଇଥର ରାସ୍ତା ମରାମତି ପାଇଁ ସରକାରୀ ନଥିପତ୍ରରେ ଉଲ୍ଲେଖ ରହିଛି। ନବନିର୍ମିତ ରାସ୍ତାଟିର ଦୈର୍ଘ୍ୟ ୩କିମି ୨୪୦ମିଟର ହୋଇଥିବା ବେଳେ ତନ୍ମଧ୍ୟରୁ ୧କିମି ୮୭୦ମିଟର ପକ୍କା ନିର୍ମାଣ ହୋଇଛି। ବାକି ପିଚ ନିର୍ମିତ ରାସ୍ତାଟି ଏବେ ବିଭିନ୍ନ ସ୍ଥାନରେ ଫାଟିବା ଆରମ୍ଭ କଲାଣି। ରାସ୍ତାର ତାଳପଦା ପଟରୁ କେନାଲ ବନ୍ଧ ଉପରେ ନିର୍ମାଣଧୀନ ପିଚ ଏବେ ଫାଟି ଦୁଇଫାଳ ହୋଇଗଲାଣି। ଏହାଛଡା ନେନ୍ତିପୁର ଗାଁ ପାର୍ଶ୍ୱରେ ମଧ୍ୟ କେତେକ ଜାଗା ଦବି ଗଲାଣି। ସରସଦା ସ୍କୁଲ ପଟରୁ ମଧ୍ୟ କଂକ୍ରିଟ ଫାଟିବା ଆରମ୍ଭ କଲାଣି। ବର୍ଷା ହେଲେ ଏଗୁଡିକରେ ପାଣି ଜମି ରାସ୍ତା ଅଧିକ ନଷ୍ଟ ହୋଇଯିବ ବୋଲି ଗ୍ରାମବାସୀ ମାନେ ଜଣାଇଛନ୍ତି। ରାତିପାହିଲେ ଏହି ରାସ୍ତା ଦେଇ ଚାରି ପାଞ୍ଚ ଖଣ୍ଡି ଗାଁର ଲୋକ ଯାତାୟତ କରୁଥିବା ବେଳେ ଏହାର ମରାମତି ଅତ୍ୟାବଶ୍ୟକୀୟ ହୋଇପଡ଼ିଛି। ତେଣୁ ରାସ୍ତା ରକ୍ଷଣାବେକ୍ଷଣ ଅବଧି ଶେଷ ହୋଇନଥିବା ବେଳେ ଏହାକୁ ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ମାନେ ଦାବି ଜଣାଇଛନ୍ତି।

ସକାଳ
THE SAKALA



## ■ ମାଛକାନ୍ଦଣା ନଦୀ ଉପର ମୁଣ୍ଡରେ ବର୍ଷା

# ବଡ଼ଘାଗରା ଜଳଭଣ୍ଡାର ସ୍ଥିତିରେ ସୁଧାର



**କେନ୍ଦୁଝର,୩୦।୬(ସମିସ):** କେନ୍ଦୁଝର ଓ ବଡ଼ଘାଗରାର ଉପର ମୁଣ୍ଡରେ ଅନେକ ଦିନ ଭଲ ବର୍ଷା ହୋଇନଥିଲା। କିନ୍ତୁ ଗତ ଦୁଇ ତିନିଦିନ ହେବ ମାଛକାନ୍ଦଣା ନଦୀର ଉପର ମୁଣ୍ଡରେ ବର୍ଷା ହେବା ଫଳରେ ବଡ଼ଘାଗରା ଜଳଭଣ୍ଡାରର ସ୍ଥିତିରେ ସୁଧାର ଆସିଛି। ଫଳରେ ଏବେ କେନ୍ଦୁଝର ସହରର ଲୋକଙ୍କର ଟ୍ୟାଙ୍କର ଉପରେ ନିର୍ଭରଶୀଳତା କମିବ ବୋଲି ଆଶା କାରାଯାଉଛି। ବଡଘଗରା ଡ୍ୟାମରେ ପାଣି ଶୁଖିବା ସମସ୍ୟା ପ୍ରାୟ କେବେ ଦେଖାଯାଇନଥିଲା। ଏବର୍ଷ ଦେଖାଯିବାରୁ ସହରବାସୀ ଅନେକ କଷ୍ଟ ଭୋଗିଛନ୍ତି। ଗତ ୩ମାସ ମଧ୍ୟରେ କେନ୍ଦୁଝରରେ ଆଦୌ ଭଲ ବର୍ଷା ହୋଇନାହିଁ। ଖରାଦିନ ଆରମ୍ଭ ନ ହଉଣୁ ଗ୍ରାମାଞ୍ଚଳ ସମେତ ସହରରେ କଳକଷ୍ଟ ଆରମ୍ଭ ହୋଇଯାଇଥିଲା। ଜିଲ୍ଲାର ବିଭିନ୍ନ ନଈ ନାଳ କେନାଲ ମଧ୍ୟ ଶୁଖି ଯାଇଥିଲା। ଫଳରେ ବଡଘାଗରାରୁ ପାଣି ପାଉଥିବା ସହରର ୧୦ଟି ୱାର୍ଡର ୨୦ ହଜାରରୁ ଅଧିକ ଲୋକେ ପାଣି ପାଇଁ ଡହଳବିକଳ ହେଉଥିଲେ। ବଡ଼ଘାଗରା ବା ସାନମାଛ କାନ୍ଦଣା ନଦୀ ବନ୍ଧ ଯୋଜନାରୁ ସହର ଆଧାରୁ ଅଧିକ ୱାର୍ଡ ଅଞ୍ଚଳକୁ ପାଣି ଯୋଗାଯାଇଥାଏ। ଡ୍ୟାମରେ ପାଣି ଶୁଖିବାରୁ କେନ୍ଦୁଝର ସହର୨୦ ହଜାରରୁ ଅଧିକ ଲୋକ ଜଳକଷ୍ଟରେ ଆଉଟୁ ପାଉଟୁ ହୋଇଥିଲେ। କେବଳ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ ହେଉଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ।

କେନ୍ଦୁଝର ଜିଲ୍ଲାରେ ରହିଛି ଏକାଧିକ ଡ୍ୟାମ। ଗତ ୪ ମାସ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯେତିକି ପରିମାଣରେ ବର୍ଷା ହେବା କଥା ତାହା ହୋଇନାହିଁ। ଜିଲ୍ଲାର ଅଧିକାଂଶ ବ୍ଲକରେ ନିଅଣ୍ଟିଆ ବର୍ଷା ହୋଇଛି। ସାଧାରଣତଃ ଖରାଦିନେ ମଝିରେ ମଝିରେ କାଳବୈଶାଖୀ ଓ ଅଦିନିଆ ବର୍ଷା ହେଲେ ନଦୀ ଗୁଡ଼ିକରେ ଜଳସ୍ତର ବୃଦ୍ଧି ହୋଇ ଡ୍ୟାମଗୁଡିକରେ ପାଣି ଭର୍ତ୍ତି ହୁଏ। କିନ୍ତୁ ଏବର୍ଷ ସେମିତି ବର୍ଷା ହୋଇ ନଥିବାରୁ ବଡ଼ ଘାଗରା ଡ୍ୟାମର ପାଣି ଶୁଖିଯାଇଥିଲା। ଏହି ଡ୍ୟାମର ସଂପୂର୍ଣ୍ଣ ଜଳଧାରଣ କ୍ଷମତା ୧୯୬୨ ଆର୍ଏଲ (ରେଡିୟସ ଲେଭଲ)। ସାଧାରଣତଃ ଏହି ଡ୍ୟାମରେ ଖରାଦିନେ ୧୯୩୨ ଆର୍ଏଲ ଜଳ ରହିବା କଥା। ଯାହାକି କି ବଟମ ଲେଭଲ ଜଳସ୍ତର ବୋଲି କୁହାଯାଇଥାଏ। କିନ୍ତୁ ତା' ଠାରୁ କମ ପାଣି ରହିବାରୁ ପମ୍ପ ସାହାଯ୍ୟରେ ମଧ୍ୟ ପାଣି ଉଠାଇ ସହରକୁ ଯୋଗାଇ ଦେବା ସମ୍ଭବ ହୋଇପାରିଲାନି। ୱାଟକୋର ସୂଚନା ନୁସାରେ, ସାନମାଛକାନ୍ଦଣା ଜଳ ଭଣ୍ଡାରରୁ କେନ୍ଦୁଝର ସହରକୁ ପ୍ରତିଦିନ ୬୦ ଲକ୍ଷ ଲିଟର ଜଳ ଯୋଗାଇ ଦିଆହୋଇଥାଏ। କାନଝାରୀରୁ ୫୦ଲକ୍ଷ ଲିଟରକୁ ମିଶାଇ ମୋଟ ୧କୋଟି ୫ ଲକ୍ଷ ଲିଟର ପାଣି ସହରକୁ ଲୋଡ଼ା ପଡେ। ଉପର ମୁଣ୍ଡରେ ବର୍ଷା ହେବା ଫଳରେ ନଦୀରୁ ପାଣି ଡ୍ୟାମରେ କିଛି ଜମିବାରେ ଲାଗିଛି। ଅଳ୍ପ ପାଣି ଆସି ଡ୍ୟାମକୁ ପହଞ୍ଚିବା କାରଣରୁ ଶୁକ୍ରବାରଠାରୁ ଡ୍ୟାମରୁ ସହରକୁ ପାଣି ଯୋଗାଇବା ଆରମ୍ଭ ହୋଇଛି। ଶୁକ୍ରବାର ଅଳ୍ପ ପାଣି ଦିଆ ଯାଇଥିଲେ ମଧ୍ୟ ଶନିବାର ଦୁଇ ଓଳିରେ ୬୦ ଲକ୍ଷ ଲିଟର ପାଣି ଯୋଗା ଯାଇଥିବା ୱାଟକୋ କନିଷ୍ଠ ଯନ୍ତ୍ରୀ କହିଛନ୍ତି। ବର୍ଷା ବଢୁଥିବାରୁ ଆଗାମୀ ଦିନରେ ବଡ଼ଘାଗରା ଡ୍ୟାମରେ ପାଣି ଷ୍ଟକ୍ ରହି ସହରକୁ ପାନୀୟ ଜଳ ଯୋଗାଣ ପୂର୍ବଭଳି ଚାଲିବ ବୋଲି କୁହାଯାଉଛ। ପାଣି ପାଇଁ ଲୋକେ ଆଉ ଟ୍ୟାଙ୍କର ଉପରେ ନିର୍ଭର ନକରି ନିଜ ହାତପାଆନ୍ତରେ ଟ୍ୟାପରୁ ପାଣି ପାଇବେ ବୋଲି କୁହାଯାଉଛି।

## ତେଲକୋଇରେ ହାତୀପଲଙ୍କ ଉପଦ୍ରବ



**ତେଲକୋଇ,୩୦।୬(ସମିସ):** ତେଲକୋଇ ଫରେଷ୍ଟବିଟ୍ର ତଳସାହିରେ ହାତୀପଲ ଶନିବାର ବିଳମ୍ବିତ ରାତିରେ ଉପଦ୍ରବ କରିଛନ୍ତି। ଘର ଓ ଆମ୍ବ ଗଛ ଭାଙ୍ଗିବା ସହ ଧାନ ଚାଉଳ ଖାଇଯାଇଛନ୍ତି। ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତି ପ୍ରାୟ ୧୨ଟା ବେଳକୁ ହାତୀପଲ ନିମାଇଁ ପ୍ରଧାନଙ୍କ ଘର ବାଡ଼ିରେ ଧସେଇ ପଶିଥିଲେ। ଛାତ ଘରର କବାଟକୁ ତାଡି ଚାଉଳକୁ ଖାଇବା ସହ ବାଡ଼ିରେ ଥିବା ୪୦ରୁ ଉର୍ଦ୍ଧ୍ୱ ଆମ୍ବ ଗଛକୁ ଭାଙ୍ଗି ନଷ୍ଟ କରିଛନ୍ତି। କଦଳୀ ଗଛ ଓ ନଡ଼ିଆ ଗଛ ମଧ୍ୟ ନଷ୍ଟ କରିଛନ୍ତି। ଛାତ ଘର ପଛପଟ ଥିବା ଆଜବେଷ୍ଟ୍ସ ଘରକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ଘରର କାନ୍ଥ ଭାଙ୍ଗିବା ଫଳରେ ସେଠାରେ ଥିବା ୪ଟି କୁକୁଡ଼ାଙ୍କର ମଧ୍ୟ ମୃତ୍ୟୁ ଘଟିଛି। ବନ ବିଭାଗ ପକ୍ଷରୁ କ୍ଷତିପୂରଣ ଦେବା ପାଇଁ ଦାବି ହୋଇଛି।

## ହୋ ସମାଜ ପକ୍ଷରୁ ଲାକୋ ବାଦ୍ରାଙ୍କ ପୁଣ୍ୟତିଥି



**ଯୋଡ଼ା,୩୦।୬(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରାଞ୍ଚଳର ୱାର୍ଡ ନମ୍ବର ୨ ବନେଇକଳା ମୁଣ୍ଡା ସାହି ଠାରେ ରବିବାର ଆଦିବାସୀ ହୋ ସମାଜ ପକ୍ଷରୁ ଅତୋ ଗୁରୁ କୋଲ୍ ଲାକୋ ବାଦ୍ରାଙ୍କ ୩୮ତମ ପୁଣ୍ୟ ତିଥି ପାଳିତ ହୋଇଯାଇଛି। ହୋ ଶିକ୍ଷକ ଦିନେଶ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପୁଣ୍ୟ ତିଥି ପାଳନ ଅବସରରେ ଆଦିବାସୀ ହୋ ସମାଜ ମହାସଭା କେନ୍ଦୁଝର ଜିଲ୍ଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା ଯୋଗ ଦେଇ ଲକ ବୋଦରାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ହୋ ଶିକ୍ଷୟିତ୍ରୀ ନେହା ମୁଣ୍ଡା, କଣ୍ଢୀତା ମୁଣ୍ଡା, ଶାନ୍ତିଲତା ମୁଣ୍ଡା, ସାବିତ୍ରୀ ମୁଣ୍ଡା, ତୁଳସୀ ମୁଣ୍ଡା, ରଇବାରୀ ମୁଣ୍ଡା, ମଙ୍ଗଲ ମୁଣ୍ଡା, ସୁରେଶ ମୁଣ୍ଡା ଓ ଗ୍ରାମବାସୀ ସହଯୋଗ କରିଥିଲେ। ହୋ ଭାଷାଭାଷୀଙ୍କର ଏକ ସ୍ୱତନ୍ତ୍ର ଲିପି ରହିଛି। ଯାହାକି ୱାରଂଚିତି ଲିପି ରୂପେ ପରିଚୟ ଲାଭ କରିଛି। ଜାତୀୟ ସ୍ତରରେ ହୋ ଭାଷାର ସାମ୍ବିଧାନିକ ମାନ୍ୟତା ଏବଂ ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ପାଇଁ ଆନ୍ଦୋଳନ ସହିତ ଦାବି ହୋଇ ଆସୁଅଛି। ଗୁରୁ ଲାକୋ ବାଦ୍ରା ହୋ ଭାଷାରେ ସାହିତ୍ୟର ପ୍ରଚାର ପାଇଁ ୱାରାଂଚିତି ଲିପି ଆବିଷ୍କାର କରି ସମଗ୍ର ହୋ ଭାଷାଭାଷୀଙ୍କ ନିକଟରେ ଆକାଶର ଧ୍ରୁବତାରା ପରି ସର୍ବଦା ହୋ ଜାତି, ସମାଜ ପାଇଁ ଉଜ୍ଜ୍ୱଳମାନ ତାରକା ସଦୃଶ ପୂଜା ପାଇ ଆସୁଛନ୍ତି। କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସଂଗଠନ ଆଦିବାସୀ ହୋ ସମାଜ ମହା ସଭା ସଂଗଠିତ, ଏକତ୍ରିତ ହୋଇ ଯେତେଦିନ ଯାଏ ହୋ ଭାଷା ଏବଂ ଏହାର ଲିପି ୱାରାଂଚିତି ରହିଥିବ ସେତେଦିନ ପର୍ଯ୍ୟନ୍ତ ତାଙ୍କୁ ହୋ ସମାଜ ସ୍ମରଣ କରୁଥିବ ବୋଲି ମହାସଭାର କେନ୍ଦୁଝର ଜିଲ୍ଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା କହିଛନ୍ତି।

## ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ହାଟଡ଼ିହୀ/ସୋସୋ,୩୦।୬(ସମିସ):** ହାଟଡିହୀ ଶିକ୍ଷାମଣ୍ଡଳ ଅଧୀନ ବେଟୀରା ଗ୍ରାମର ପାର୍ବତୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ଶାସିନୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ନିମନ୍ତେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ବିଦାୟକାଳୀନ ସଭାକୁ କେନ୍ଦୁଝର ଓଷ୍ଟାର ସଭାପତି ଅଭୟ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ଗୋଷ୍ଠୀ ଶିକ୍ଷାଧିକାରୀ ଭୋଗରାଇ ତଥା ଓଷ୍ଟା ଯୁଗ୍ମ ମୁଖ୍ୟ ଉପଦେଷ୍ଟା କମୋଳ ଲୋଚନ ବିଶ୍ୱାଳ ଏବଂ ଓଷ୍ଟାର ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ହାଟଡିହୀ ଗୋଷ୍ଠୀ ଶିକ୍ଷାଧିକାରୀ ଓଁକାର ଅନ୍ୱେଷ, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଧନେଶ୍ୱର ଖଣ୍ଡେଇ, ଓଷ୍ଟା ସଭାପତି ବିକ୍ରମ କୁମାର ଦାସ ଏବଂ ହାଟଡିହୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିଶିର କୁମାର କର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଯୁଗ୍ମ ସାଧାରଣ ସଂପାଦକ ସୁଦର୍ଶନ ସ୍ୱାଇଁ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହାଟଡ଼ିହୀ ପ୍ରମୋଦ କୁମାର ନାୟକ, କେନ୍ଦୁଝର ଯୁଗ୍ମ ସମ୍ପାଦକ ମାଧବାନନ୍ଦ ପଣ୍ଡା, ଓଷ୍ଟା ସମ୍ପାଦକ ସୁରେଶ କୁମାର ସାହୁ, ସୁଶାନ୍ତ କୁମାର ପତି ଓଷ୍ଟା କାର୍ଯ୍ୟକାରୀ ସଭାପତି, କେନ୍ଦୁଝର ଓଷ୍ଟା ସଭାପତି ରମେଶ କୁମାର ରାଉତ, ହାଟଡ଼ିହୀ ବ୍ଲକ୍ ସମ୍ପାଦକ କାହ୍ନୁଚରଣ ମିଶ୍ର, ଉପଦେଷ୍ଟା ସୁରେନ୍ଦ୍ର କୁମାର ରାଉତ, ସମ୍ପାଦକ ରଞ୍ଜନ କୁମାର ପ୍ରଧାନ, ସଭାପତି ଶଶିଭୂଷଣ ପୁହାଣ, ସୁମନ୍ତ କୁମାର ନାୟକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମରେଇଗାଁ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାରୁ ପାଇଲେ ଶାଢ଼ି ଭର୍ତ୍ତି ବ୍ୟାଗ୍




**ବେଲବାହାଲ,୩୦।୬(ସମିସ):** ଆନନ୍ଦପୁର ବ୍ଲକ ବେଲବାହାଳି ରାସ୍ତା ଉପରେ ଖସି ପଡିଥିଲା ଦାମୀ ଶାଢ଼ି ଭର୍ତ୍ତି ବ୍ୟାଗ। ଝିପିଝିପି ବର୍ଷାରେ ଚତୁର୍ଭୁଜ ସାହୁ ନାମକ ଜଣେ ଯୁବକ ଏହି ବ୍ୟାଗ ପାଇ ରଖିଛନ୍ତି। ତେବେ ସେ ପ୍ରକୃତ ବ୍ୟକ୍ତିଙ୍କୁ ତାହା ଫେରାଇବାକୁ କହିଛନ୍ତି। ଚତୁର୍ଭୁଜ ବେଲବାହାଳି ବଜାରରେ ଏକ ଜଳଖିଆ ଦୋକାନ ଦେଇଛନ୍ତି। ସୂଚନା ଅନୁଯାୟୀ କୌଣସି ବ୍ୟକ୍ତି ଯାଜପୁର ବାହେତୀ ଲୁଗା ସୋ'ରୁମରୁ ୧୨ ଖଣ୍ଡ ଲୁଗା କିଣି ଆସୁଥିବା ବେଳେ ବେଲବାହାଳି ବଜାର ଉପରେ ଖସି ପଡିଥିଲା। ଏହାକୁ ଚତୁର୍ଭୁଜ ପାଇ ପାଖରେ ରଖିଛନ୍ତି। ତେବେ ଉକ୍ତ ବ୍ୟାଗ୍ ଯାହାର ସେ ତାଙ୍କ ଠାରୁ ଏହାକୁ ନେବା ପାଇଁ ସେ ନିବେଦନ କରିଛନ୍ତି।

## କଇଁସିଆରୀରେ ପଥପ୍ରାନ୍ତ ବୃକ୍ଷରୋପଣ



**ରାମଚନ୍ଦ୍ରପୁର,୩୦।୬(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ କଇଁସିଆରୀ ଗ୍ରାମର ଉଦ୍ୟମୀ ଯୁବକମାନଙ୍କ ମିଳିତ ପ୍ରଚେଷ୍ଟାରେ ପଡୋଶୀ ଗ୍ରାମ ଦାନ୍ତିଆଠାରୁ କଇଁସିଆରୀ ପର୍ଯ୍ୟନ୍ତ ଦୀର୍ଘ ଦୁଇ କିଲୋମିଟର ବ୍ୟାପୀ ରାସ୍ତାର ଉଭୟ ପାଶ୍ୱର୍ରେ କଦମ୍ବ, ଲିମ୍ବ, ଜାମୁ, କୃଷ୍ଣଚୂଡା, ସିମାରୁଆ, ହରିଡା, ବାହାଡା ପ୍ରଭୃତି ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷରୋପଣ କରାଯାଇଛି। ସରକାରୀ ସ୍ତରରେ ବୃକ୍ଷରୋପଣ ନାଁରେ କୋଟିକୋଟି ଟଙ୍କା ବ୍ୟୟ ବରାଦ କରାଯାଉଥିବା ବେଳେ କଇଁସିଆରୀ ଗ୍ରାମର ଉଦ୍ୟମୀ ଯୁବକମାନେ ନିଜ ଖର୍ଚ୍ଚରେ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଚାରା ରୋପଣ କରିବା ସହ ଗଛର ସୁରକ୍ଷା ପାଇଁ ବାଡ ବନ୍ଦି ବ୍ୟବସ୍ଥା କରି ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା ସାଉଁଟିଛନ୍ତି। ବୃକ୍ଷରୋପଣ କାର୍ଯ୍ୟରେ ସ୍ଥାନୀୟ ବିଜେପି ନେତା ଶିବେନ୍ଦ୍ର ଚକ୍ର, ଯୁବ ସମାଜସେବୀ ସଂଜୀବକୁମାର ଦେଓ, ଏଚ୍ଡିଏଫସି ବ୍ୟାଙ୍କ ମ୍ୟାନେଜର ନାରାୟଣ ନାୟକ, ସମାଜସେବୀ ବୈକୁଣ୍ଠନାଥ ସାହୁ, ଶରତଚନ୍ଦ୍ର ସ୍ୱାଇଁ, ଅବିନାଶ ବିଶ୍ୱାଳ, ବୁବୁଲି ରାଉତ, ନୃସିଂହ ମଲ୍ଲିକ, ଭ୍ରମର ରାଉତ, ପ୍ରେମାନନ୍ଦ ନାଥ, କବିନ୍ଦ୍ର ଘଡେଇ, ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ସାମିଲ ହୋଇ ଯୁବକଙ୍କୁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ଗ୍ରାମର ସବୁ ରାସ୍ତା, ପତିତି ଜମି ଏବଂ ପୋଖରୀ ହୁଡ଼ା, ମଠ ମନ୍ଦିରରେ ଔଷଧିୟ ବୃକ୍ଷରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଯୁବକମାନେ ପ୍ରକାଶ କରିଛନ୍ତି। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଗ୍ରାମରମନୁଆ, କାଠି, ଡମ୍ବରୁ, ବବୁଲ, ଅଂଶୁମାନ, ନନ୍ଦୁ, ଅମନ, ଲୁକୁନ, ଲିପୁ, ଲୁଲୁ, ଆକିଶ, ମଗ୍ଗୁଲୁ, ହରି ସମେତ ୫୦ରୁ ଉର୍ଦ୍ଧ୍ୱ ଯୁବକ ସାମିଲ ହୋଇଥିଲେ।

## ଖିରେଇଟାଙ୍ଗିରୀ ନୂଆ ବନପାଳ



**ତୁରୁମୁଙ୍ଗା,୩୦।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ବନ କାର୍ଯ୍ୟାଳୟରେ ନୂତନ ବନପାଳ ଭାବରେ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଯୋଗଦାନ କରିଛନ୍ତି। ପୂର୍ବରୁ ଥିବା ବନପାଳ ଶିବ ନାରାୟଣ ଦେବଙ୍କ ଚାକିରିରୁ ଅବସର ପରେ ବନରକ୍ଷୀ ଡଲିରାଣୀ ସାହୁ ବନପାଳ ଭାବରେ ଦାୟୀତ୍ୱ ତୁଲାଇ ଆସୁଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ତୁରୁମୁଙ୍ଗା,୩୦।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଟାଙ୍ଗରପଡା ପଞ୍ଚାୟତ ଗାଲଫୁଲା ଗ୍ରାମର ରାଧାକାନ୍ତ ମହାନ୍ତଙ୍କ ପୁଅ ସୁରେଶ ନାଏକଙ୍କ ଝୁଲନ୍ତା ମୃତଦେହ ରବିବାର ଘର ନିକଟ ଏକ କୁଲୁଚି ଗଛରୁ ଉଦ୍ଧାର ହୋଇଛି। ସେ ତାଙ୍କ ସ୍ତ୍ରୀଙ୍କ ସହ କଳହ ପରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଖବର ପାଇ ପାଟଣା ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ମେଡିକାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ହାତୀର ଅନ୍ତେଷ୍ଟିକ୍ରିୟା କଲେ ଗ୍ରାମବାସୀ

**ହାଟଡିହୀ,୩୦।୬(ସମିସ):** ନିଉଦାନୀ ନିକଟରେ ୧୮ ତାରିଖ ରାତିରେ ବିଦ୍ୟୁତ ଆଘାତରୁ ମରିଥିବା ମୃତହାତୀର ୧୧ଦିନିଆ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରିଛନ୍ତି ବାଘୁଆ ଗ୍ରାମବାସୀ। ମୃତ ଦନ୍ତାହାତୀଟି ଦୀର୍ଘଦିନ ହେବ ଚରାବୁଲା କରୁଥିଲେ



ସୁଦ୍ଧା ସେପରି ସ୍ଥାନୀୟ କାହାର କିଛି କ୍ଷତି କରୁନଥିଲା। ହାତୀଟି ସୋସୋ, କାନପୁର, ମରଚାଇପଦା, ଦନେଇପୁର, ବାଘୁଆ, ନୂଆଗାଁ, ବାଲିବରେଇ ଆଦି ଗ୍ରାମରେ ରହି ସେଠାରେ ଥିବା ତୋଟାରୁ ପାଚିଲା ଆମ୍ବ, ପଣସ, ସପୁରୀ ଆଦି ଫଳମୂଳ ଖାଉଥିଲା। କିନ୍ତୁ ଗତ ୧୮ ତାରିଖ ରାତିରେ ନିଉଦାନୀ ମଉଜା କାନପୁର ଗ୍ରାମର ସଂଗ୍ରାମ ବେହେରା ତାଙ୍କ ବାଡ଼ି ଚାରିପଟେ ଘେରାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ହାତୀଟି ମୃତ୍ୟୁବରଣ କରିଥିଲା। ଏହି ଘଟଣାରେ ବନ ବିଭାଗ ସଂଗ୍ରାମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ପରିପ୍ରେକ୍ଷୀରେ ହାତୀ ମୃତ୍ୟୁର ୧୧ ଦିନରେ ବଘୁଆ ଗ୍ରାମର କିଛି ଲୋକ ବ୍ରାହ୍ମଣ ଡାକି କ୍ରିୟାକର୍ମ କରିବା ସହିତ ଲଣ୍ଡା ହୋଇଛନ୍ତି। ଏପରିକି ଆଖପାଖ ଗ୍ରାମବାସୀଙ୍କୁ ଭୋଜି ମଧ୍ୟ ଖାଇବାକୁ ଦେଇଛନ୍ତି। ଗ୍ରାମର ନାରାୟଣ ନାଇକ, କାର୍ତ୍ତିକ ନାହାକ, ଜଗନ୍ ମହାନ୍ତି, ବାବୁ ନାଇକ, ଘନିଆ ଦାସ, ବାବନ ମହାନ୍ତି, ଚିନ୍ତା ନାଇକ, ନରେନ୍ଦ୍ର ନାୟକ, ଚିନ୍ତାମଣି ମହାନ୍ତି, ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

## ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ତେଲକୋଇ,୩୦।୬(ସମିସ):** ଆଜି କେନ୍ଦୁଝର ଜିଲ୍ଲା ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମଚାରୀ ବିନୋଦ ବିହାରୀ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଡ. ପି ସତ୍ୟମ, ସୁଧାକର ଖିଲାର, ମନୀଷ ମାଲି, ମୌସୁମ ମାଝୀ, ସୁଜିତ ତ୍ରିପାଠୀ, ଶୁଭେନ୍ଦୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଶ୍ରୀ ସାହୁଙ୍କ ନିରାମୟ ଜୀବନ କାମନା କରିବା ସହିତ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରାଯାଇଥିଲା।

## ଚମର୍ଦା ପୋଖରୀରେ ବୁଡ଼ି ଯୁବକର ମୃତ୍ୟୁ

**ଆନନ୍ଦପୁର,୩୦।୬(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତ ଚମର୍ଦା ଗ୍ରାମର ପ୍ରଫୁଲ ସାହୁ(୨୫) ନାମକ ଯୁବକ ପୋଖରୀରେ ବୁଡିଯାଇ ମୃତ୍ୟୁବରଣ କରିଥିବା ଜଣାଯାଇଛି। ମୃତକ ପ୍ରଫୁଲ ସବୁଦିନ ପରି ଆଜି ଉକ୍ତ ପୋଖରୀକୁ ଗାଧୋଇ ଯାଇଥିବା ବେଳେ ଗୋଡ଼ ଖସିଯାଇଥିଲା। ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରୁଥିବା ବେଳେ ମୃତଦେହ ପାଣିରେ ଭାସୁଥିବା ଜଣାପଡିଥିଲା। ଖବର ପାଇ ଆନନ୍ଦପୁର ପୁଲିସ ଘଟଣାସ୍ଥଳରେ ପ୍ରାଥମିକ ତଦନ୍ତ କରିବା ପରେ ଆନନ୍ଦପୁର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ଘଟଣାର ସବିଶେଷ ଅନୁଧାନ କରୁଥିବା ଜଣାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଦୁଇଦିନ ଧରି ମୌସୁମୀ ବର୍ଷାରେ ଜଳର ପତନ ବୃଦ୍ଧି ପାଇଥିବାରୁ ଏପରି ଅଘଟଣ ଘଟିଥିବା ଜଣାଯାଇଛି।

## ଡ୍ରୋନ୍‌ରେ ସାର ସିଞ୍ଚନ ସଚେତନତା

**ସୋସୋ, ୩୦।୬(ସମିସ):** ହାଟଡିହି ବ୍ଲକ ମରେିଗାଁ ଠାରେ ଇଫକୋ କମ୍ପାନି ପକ୍ଷରୁ ଡ୍ରୋନ ସାହାଯ୍ୟରେ ନାନୋ ୟୁରିଆ ସାର ସିଞ୍ଚନ ସଚେତନତା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଫକୋ କମ୍ପାନୀ ପକ୍ଷରୁ ଏହି



କାର୍ଯ୍ୟକ୍ରମରେ କ୍ଷେତ୍ର ଅଧିକାରୀ ଯଶୋବନ୍ତ ମେହେର, କେନ୍ଦୁଝର ଜିଲ୍ଲା ସହାୟକ କ୍ଷେତ୍ର ଅଧିକାରୀ ଗୌରବ କୁମାର ମହାନ୍ତ, ଡ୍ରୋନ ପାଇଲଟ ଅକ୍ଷୟ କୁମାର ଦେବତା, ଡ୍ରୋନ ଅପରେଟର ପବନ କଲ୍ୟାଣ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ଡ୍ରୋନ ସାହାଯ୍ୟରେ ନାନୋ ସାର ସିଞ୍ଚନର ପ୍ରଣାଳୀ ସମ୍ପର୍କରେ ସୂଚନା ଦେବା ସହ ଚାଷୀମାନେ ଧାନ ଓ ପନିପରିବା ଚାଷରେ କିପରି ଏହାକୁ ବବ୍ୟହାର କରି ଲାଭବାନ ହେବେ ସେ ସମ୍ପର୍କରେ ବୁଝାଇଥିଲେ। ଏହି ସମୟରେ ବହୁ ଚାଷୀ ଉପସ୍ଥିତ ଥିଲେ।

## ଡାଲି ଜାତୀୟ ଫସଲ ଉପରେ ତାଲିମ



**ତେଲକୋଇ,୩୦।୬(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ କୃଷି ବିଭାଗ ପକ୍ଷରୁ କରଦାଙ୍ଗୀ ପଞ୍ଚାୟତର ହାଟ ମଣ୍ଡପ ଠାରେ ଚାଷୀମାନଙ୍କୁ ରାଜ୍ୟ ସରକାରଙ୍କ ଯୋଜନା କ୍ଷେତ୍ର ଦିବସ ଅବସରରେ ଡାଲିଜାତୀୟ ଫସଲ ଦ୍ୱାରା ଧାନର ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ଉପରେ ତାଲିମ ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲା ସହକାରୀ କୃଷି ନିର୍ଦ୍ଦେଶକ ତଥା ମୃତ୍ତିକା ରସାୟନବିତ ରବିନ୍ଦ୍ର କୁମାର ସାହୁ, ବ୍ଲକ କୃଷି ଅଧିକାରୀ ଦାୟିତ୍ୱରେ ଥିବା ଲକ୍ଷ୍ମୀଦେବୀ ଶର୍ମା, ସ୍ଥାନୀୟ କୃଷି ଅଧିଦର୍ଶକ ଗୋଲଖଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ କବିତା ମୁଣ୍ଡା, ଗ୍ରାମ କୃଷି କର୍ମଚାରୀ ସିପୁନ କୁମାର ନାଏକ, କୃଷକ ସାଥୀ ବିରବର ପ୍ରଧାନ ପ୍ରମୁଖ ସାମିଲ ରହିଥିଲେ। ତେବେ ଚାଷୀଙ୍କୁ ପଡ଼ିଆ ପାଖ ଡାଲି ଜାତୀୟ ଫସଲ ଓ ଡାଲି ଜାତୀୟ ଫସଲର ଉତ୍ପାଦନ ଓ ଚାଷର ପ୍ରଣାଳୀକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ମୃତ୍ତିକା ପରୀକ୍ଷାକୁ ଏହି ତାଲିମରେ ଚାଷୀମାନଙ୍କୁ ଅତିଥିମାନେ ଅବଗତ କରିଥିଲେ। ସେହିପରି କ୍ଷେତ୍ର ଦିବସରେ ରାଜ୍ୟ ଯୋଜନା ରହିଥିବା ବେଳେ ପ୍ରଧାନମନ୍ତ୍ରୀ ସମ୍ମାନ ନିଧି ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କରଦାଙ୍ଗି ପଞ୍ଚାୟତର ଶତାଧିକ ଚାଷୀ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥଲେ।

## ଦିବ୍ୟାଙ୍ଗଙ୍କ ନାମରେ ଆବାସ ଯୋଜନା ହଡ଼ପ

# ଟିପଚିହ୍ନ ଓ ଫଟୋ ଉଠାଇ ଲୁଟିନେଲେ ଟଙ୍କା



**ଆନନ୍ଦପୁର,୩୦।୬(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପନଚୁପଲୀ ଗ୍ରାମରେ ଜଣେ ଦିବ୍ୟାଙ୍ଗ ବୃଦ୍ଧାଙ୍କ ନାମରେ ମଞ୍ଜୁର ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅର୍ଥକୁ ଲୁଟିନେବା ଘଟଣା କିପରି ସମ୍ଭବ ହେଲା ଏବଂ ଆନନ୍ଦପୁର ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କ ଏଥିରେ ସଂପୃକ୍ତି ଥିବା ଦିବ୍ୟାଙ୍ଗ ବୃଦ୍ଧାଙ୍କ ପରିବାର ପକ୍ଷରୁ ଗୁରୁତର ଅଭିଯୋଗ ହୋଇଛି। ଏନେଇ ପରିବାରବର୍ଗ ଆନନ୍ଦପୁର ବିଡିଓଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବିଡିଓ ଏହି ଘଟଣାର ତଦନ୍ତ କରୁନଥିବା ପଛରେ କେଉଁ ନିହିତ ସ୍ୱାର୍ଥ ରହିଛି ସେନେଇ ସାଧାରଣରେ ଘୋର ସନ୍ଦେହ ପ୍ରକଟ ହୋଇଛି।

ମିଳିଥିବା ସୂଚନାନୁଯାୟୀ, ପଞ୍ଚୁପଲୀ ଗ୍ରାମର ବିଳାସ ନାୟକ(୭୦) ଜଣେ ମୁକ ବଧିର ଓ ଦିବ୍ୟାଙ୍ଗ ବୃଦ୍ଧା ଅଟନ୍ତି। ସେ କଥା କହି ପାରୁନଥିବା ବେଳେ କିଛି ମଧ୍ୟ ଶୁଣି ପାରନ୍ତି ନାହିଁ। ତାଙ୍କ ନାମରେ ମଞ୍ଜୁର ହୋଇଥିବା ଏକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟାଳୟରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ଗ୍ରାମର ଜନୈକ ବ୍ୟକ୍ତି ଏହି ଦିବ୍ୟାଙ୍ଗ ବୃଦ୍ଧାଙ୍କ ଆବାସ ଯୋଜନା ଅର୍ଥକୁ ହଡପ କରିବା ପାଇଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହିତ ସଲାସୁତୁରା କରି କାର୍ଯ୍ୟାଦେଶ କରାଇଥିଲେ। ଏ ସମ୍ପର୍କରେ କିଛି ଜାଣିନଥିବା ବିଳାସ କିମ୍ବା ତାଙ୍କ ପରିବାର ଲୋକେ ଅଭିଯୋଗ ଉଠାଇଛନ୍ତି। ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ କାର୍ଯ୍ୟର ପର୍ଯ୍ୟାୟକ୍ରମେ ଫଟୋ ଦିଆଯିବା ପରେ କିସ୍ତି ପରେ କିସ୍ତି ଟଙ୍କା ଉଠାଯିବାକୁ ସରକାରୀ କଟକଣା ଥିବା ବେଳେ ଦୁଇ ଥରରେ ବିଳାସଙ୍କ ନାମରେ ୧ ଲକ୍ଷ ୩୦ ହଜାର ଟଙ୍କା ଉଠାଯାଇଥିବା ଘଟଣା ବ୍ଲକ ପ୍ରଶାସନର ସ୍ୱଛତାକୁ ପଦାରେ ପକାଇ ଦେଇଛି। ତେବେ ଦିବ୍ୟାଙ୍ଗ ବିଳାସଙ୍କଠାରୁ ଟିପଚିହ୍ନ ଓ ତାଙ୍କ ଫଟୋ ଉଠାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହିତ ସରକାରୀ ଅର୍ଥ ଲୁଟି ନେଇଥିବା ବ୍ୟକ୍ତି ଓ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଳାସଙ୍କ ସମ୍ପର୍କୀୟ ମଦନ ନାୟକ ଓ ପ୍ରମିଳା ନାୟକ ଦାବି ଜଣାଇଛନ୍ତି।

